RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -86 | ସଂଖ୍ୟା-୮୬
ଭୁବନେଶ୍ୱର, ଗୁରୁବାର ୧୧ ଜୁନ୍ ୨୦୨୬
Bhubaneswar, Thursday 11 June, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ | ଦୈନିକ ସମ୍ବାଦପତ୍ର



## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

# କାର୍ଯ୍ୟକ୍ରମସ୍ଥଳକୁ 'ନୋ ଡ୍ରୋନ୍ ଜୋନ୍' ଓ 'ନୋ ଫ୍ଲାଇଙ୍ଗ ଜୋନ' ଘୋଷଣା



ରାଇରଙ୍ଗପୁର,୧୦।୬(ନି.ପ୍ର.) ଆସନ୍ତା ଜୁନ୍ ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜଜିଲ୍ଲା ରାଇରଙ୍ଗପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସୁରକ୍ଷା ଦୃଷ୍ଟିରୁ ସମସ୍ତ କାର୍ଯ୍ୟକ୍ରମ ସ୍ଥଳ ଓ ଫଙ୍କସନ୍ ସାଇଟ୍‌କୁ ନୋ ଡ୍ରୋନ୍ ଜୋନ୍ ବା ନୋ ଫ୍ଲାଇଙ୍ଗ୍ ଜୋନ୍' ଘୋଷଣା କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲାଦଣ୍ଡାଧୀଶଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ପତ୍ରରେ କୁହାଯାଇଛି ଯେ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କଠୋର କରାଯିବ। ଏହି ସମୟରେ କୌଣସି ମିଡ଼ିଆ କର୍ମୀ, ଇଭେଣ୍ଟ ମ୍ୟାନେଜମେଣ୍ଟ ଟିମ୍ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଡ୍ରୋନ୍ କ୍ୟାମେରା ବ୍ୟବହାର କରିବା ଉପରେ ସମ୍ପୂର୍ଣ୍ଣ ନିଷେଧ ଜାରି ରହିବ। ମୁଖ୍ୟ ନିର୍ଦ୍ଦେଶନାମା ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ସ୍ଥଳରେ ଉପଯୁକ୍ତ ଡିସପ୍ଲେ ଓ ସାଇନବୋର୍ଡ ଲଗାଇ ସ୍ପଷ୍ଟ ଭାବେ ନୋ ଡ୍ରୋନ୍ ଜୋନ୍ ଜଣାଇ ଦିଆଯିବ।

ଏହି ନିର୍ଦ୍ଦେଶ ଉଲ୍ଲଙ୍ଘନ କଲେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଓଡ଼ିଶା ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକଙ୍କ ପତ୍ର ଅନୁଯାୟୀ ଏହି ସୂଚନା ସମସ୍ତ ଇଲେକ୍‌ଟ୍ରୋନିକ୍ ମିଡ଼ିଆ କର୍ମୀଙ୍କ ମଧ୍ୟରେ ପ୍ରଚାର କରାଯିବାକୁ କୁହାଯାଇଛି ଏହାକୁ ଭିଭିଆଇପି ଅର୍ଜେଣ୍ଟ' ବୋଲି ବିବେଚନା କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର, ଏୟାରଷ୍ଟ୍ରିପ, ପାହାଡପୁର, ବାଦାମପାହାଡ ସମେତ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ପ୍ରଶାସନ ଓ ପୁଲିସ୍ ବିଭାଗ ଉଚ୍ଚ ସତର୍କତା ଅବଲମ୍ବନ କରୁଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୧୦।୬:: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସବୁଠୁ ଦୀର୍ଘ ସମୟ ଧରି ଲଗାତାର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ନୂଆ କୀର୍ତ୍ତିମାନ ସ୍ଥାପନ କରିଥିବା ବେଳେ ତାଙ୍କୁ ଭରପୂର ପ୍ରଶଂସା କରିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୁଧବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ଭାବପୂର୍ଣ୍ଣ ବାର୍ତ୍ତା ପୋଷ୍ଟ କରି ସେ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୋଦିଙ୍କୁ "କୋଟି କୋଟି ଭାରତୀୟଙ୍କ ବିଶ୍ୱାସ, ଗର୍ବ ଓ ଉତ୍ଥାନର ମହାନ ସାରଥୀ" ବୋଲି ବର୍ଣ୍ଣନା କରିବା ସହ "ଆଧୁନିକ ଭାରତର ଅନନ୍ୟ ବିଶ୍ୱକର୍ମା" ବୋଲି ସମ୍ବୋଧନ କରିଛନ୍ତି।ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଏହି ଐତିହାସିକ ସଫଳତା କେବଳ ତାଙ୍କ କାର୍ଯ୍ୟକାଳର ଏକ ଅଧ୍ୟାୟ ନୁହେଁ, ବରଂ ତାଙ୍କର ଅଦମ୍ୟ ସଂକଳ୍ପ, ତ୍ୟାଗମୟ ଜୀବନ, ଦୂରଦର୍ଶୀ ନେତୃତ୍ୱ ଏବଂ ରାଷ୍ଟ୍ର ଗଠନ ପାଇଁ ନିଷ୍ଠାର ସ୍ୱୀକୃତି।ମୋହନ ମାଝୀ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ, ଜନସେବାକୁ ଈଶ୍ୱର ସେବା ଭାବେ ଗ୍ରହଣ କରି ମୋଦି ଯେଉଁ ମହାଯଜ୍ଞ ଆରମ୍ଭ କରିଛନ୍ତି, ତାହା ଭାରତକୁ ଆଜି ବିଶ୍ୱ ମଞ୍ଚରେ ଏକ ସଶକ୍ତ, ସୁରକ୍ଷିତ ଓ ସ୍ୱାଭିମାନୀ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ କରିଛି।

# ମୋଦି ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ କ୍ୟାବିନେଟରେ ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ,୧୦।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନଡିଏ ସରକାରଙ୍କ ୧୨ ବର୍ଷ ପୂରଣ ଉପଲକ୍ଷେ ବୁଧବାର କେନ୍ଦ୍ର କ୍ୟାବିନେଟର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅହମ୍ମଦାବାଦ ମେଟ୍ରୋ ରେଳ ପ୍ରକଳ୍ପର ସମ୍ପ୍ରସାରଣ ସମେତ ଅନେକ ପ୍ରମୁଖ ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟ ଅହମ୍ମଦାବାଦ ମେଟ୍ରୋର ପର୍ଯ୍ୟାୟ ୨ଇ ଅଧୀନରେ ୬ କିଲୋମିଟର କରିଡରକୁ ମଞ୍ଜୁରୀ ଦେଇଛି, ଯେଉଁଥିରେ ପାଞ୍ଚଟି ନୂତନ ଷ୍ଟେସନ ରହିବ। ଏହା ସହିତ, ଆନ୍ଧ୍ର ପ୍ରଦେଶର ଅମରାବତୀ ସହିତ ଜଡିତ ଅନେକ ପ୍ରମୁଖ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଆନ୍ଧ୍ର ପ୍ରଦେଶର ନୂତନ ରାଜଧାନୀ ଅମରାବତୀ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ଭିତ୍ତିଭୂମି ପ୍ରକଳ୍ପ ଘୋଷଣା କରାଯାଇଛି: ୧,୨୯୯ କୋଟି ଟଙ୍କା ମୂଲ୍ୟରେ ୨୩.୨୫ ଲକ୍ଷ ବର୍ଗଫୁଟ ପରିବ୍ୟାପ୍ତ 'କେନ୍ଦ୍ରୀୟ ସରକାରୀ ଜେନେରାଲ ପୁଲ୍ ଅଫିସ ଆବାସ' ଏବଂ ୧,୨୩୫ କୋଟି ଟଙ୍କା ମୂଲ୍ୟରେ ୩୧.୩୦ ଲକ୍ଷ ବର୍ଗଫୁଟ ପରିବ୍ୟାପ୍ତ 'ଜେନେରାଲ୍ ପୁଲ୍ ଆବାସ' ରହିଛି ।

ଅହମ୍ମଦାବାଦ ମେଟ୍ରୋ ରେଳ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ପ୍ରାୟ ୨,୧୬୯ କୋଟି ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏହା ପ୍ରାୟ ୨୫୦୦ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପ ସମାପ୍ତ ହେବା ପରେ, ଅହମ୍ମଦାବାଦ-ଗାନ୍ଧୀନଗର ମେଟ୍ରୋ ରୁଟ୍ ୭୭.୬୩ କିଲୋମିଟରର ପର୍ଯ୍ୟନ୍ତ ବିସ୍ତାର ହେବ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟର ନିଷ୍ପତ୍ତି ବିଷୟରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବୈଷ୍ଣବ ମନ୍ତବ୍ୟ ଦେଇଥିଲେ ଯେ ପଣ୍ଡିତ ନେହେରୁ ଏକ ପ୍ରମୁଖ ରାଜନୈତିକ ପରିବାରରୁ ଆସିଥିଲେ ମଧ, ଦେଶ ବ୍ରିଟିଶଙ୍କଠାରୁ ସ୍ୱାଧୀନତା ପାଇଥିଲା ଏବଂ ପ୍ରଚଳିତ ପରିବେଶ ଏବଂ ମାନସିକତା ଭିନ୍ନ ଥିଲା; ଦେଶ ରାଜନୈତିକ ପୃଷ୍ଠଭୂମି ନଥିବା, ସାଧାରଣ ପରିବାରରୁ ଆସିଥିବା ଏବଂ ନିଜ କାର୍ଯ୍ୟ ମାଧ୍ୟମରେ ଦେଶକୁ ଆଗକୁ ବଢାଇଥିବା ବ୍ୟକ୍ତିମାନଙ୍କ ଉପରେ ଭରସା କରିଥିଲା।

ରେଳମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ମୋଦି ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ଦୀର୍ଘତମ ନିରନ୍ତର କାର୍ଯ୍ୟକାଳ ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ଏହି ଅବସରରେ, କେନ୍ଦ୍ର କ୍ୟାବିନେଟ ପ୍ରଧାନମନ୍ତ୍ରୀ ମୋଦିଙ୍କ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ନିରନ୍ତର ସେବାର ଏହି ଐତିହାସିକ ମାଇଲଖୁଣ୍ଟକୁ ସ୍ୱୀକାର କରି ବିଭିନ୍ନ ପ୍ରତିଶ୍ରୁତି ଏବଂ ସଂକଳ୍ପକୁ ରୂପରେଖା ପ୍ରଦାନ କରି ଏକ ସଂକଳ୍ପ ଗ୍ରହଣ କରିଛି। ୧୦ ଜୁନ୍, ୨୦୨୬, ଭାରତୀୟ ଗଣତନ୍ତ୍ର ଯାତ୍ରାରେ ଏକ ଐତିହାସିକ ମୁହୂର୍ତ୍ତ। ଆଜି, ନରେନ୍ଦ୍ର ମୋଦି ଦେଶର ଇତିହାସରେ ସର୍ବାଧିକ ସମୟ ପାଇଁ ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇ କ୍ରମାଗତ ଭାବରେ ୪,୩୯୯ ଦିନ କ୍ଷମତାରେ ରହିବାର ରେକର୍ଡ ସ୍ଥାପନ କରିଛନ୍ତି – ଏହା ସ୍ୱାଧୀନ ଭାରତର ଇତିହାସରେ ପ୍ରଥମ ଥର ପାଇଁ ଏକ ମାଇଲଖୁଣ୍ଟ।

## ଦୀଘା ଜଗନ୍ନାଥ ମନ୍ଦିରରୁ ହଟିଲା 'ଧାମ' ଶବ୍ଦ

ଭୁବନେଶ୍ୱର,୧୦।୦୬(ନି.ପ୍ର.): ଦୀଘା ଜଗନ୍ନାଥ ମନ୍ଦିରରୁ ହଟିଲା 'ଧାମ' ଶବ୍ଦ। ଗତକାଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଘୋଷଣା ପରେ ଧାମ ଶବ୍ଦ ହଟାଯାଇଛି। ମନ୍ଦିର ଫାଟକରେ ଲେଖାଯାଇଥିବା ଫଳକ କାଢି ନିଆଯାଇଛି। ଜଗନ୍ନାଥ ଧାମ ବଦଳରେ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ଲେଖାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠି ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଦୀଘା ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦ ହଟାଇବା ପାଇଁ ଘୋଷଣା କରିଥିଲେ। ପରିବର୍ତ୍ତନ ପରେ ମୁଖ୍ୟ ମନ୍ଦିରର ନାମ ଶ୍ରୀ ଜଗନ୍ନାଥ ଦେବ ମନ୍ଦିର ଓ ଏହାର ସଂଲଗ୍ନ ପୀଠକୁ ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ଭାବେ ନାମିତ କରାଯିବ ବୋଲି କହିଥିଲେ। ଯଦିଓ ସରକାରୀ ଟଙ୍କାରେ ନିର୍ମିତ ଏହି ଭିତ୍ତିଭୂମିକୁ ଶ୍ରୀଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ଭାବେ ନାମିତ କରାଯାଇଥିଲା, ତଥାପି ଏଥିରେ ଜୋର ଜବରଦସ୍ତ 'ଧାମ' ଶବ୍ଦ ଯୋଡା ଯାଇଥିଲା। ଯାହା ଭାରତୀୟ ପରମ୍ପରା ଓ ସଂସ୍କୃତି ପାଇଁ ଆଦୌ ଠିକ୍ ନୁହେଁ । ତେଣୁ ସେହି ସାଂସ୍କୃତିକ କେନ୍ଦ୍ରର ନାମରୁ 'ଧାମ' ଶବ୍ଦକୁ ହଟାଇବାକୁ ପଶ୍ଚିମବଙ୍ଗ ସରକାର ନିଷ୍ପତ୍ତି ନେଇଥିଲେ। ଏଣିକି ଦୀଘା ମନ୍ଦିରର ଦୈନନ୍ଦିନ ପୂଜା ଏବଂ ଦୈନନ୍ଦିନ ସେବା ଜଗନ୍ନାଥ ମହାପ୍ରଭୁଙ୍କ ପାରମ୍ପରିକ ରୀତିରେ କରାଯିବ ବୋଲି କହିଥିଲେ।

# ୧୫ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ୧୭ ଜିଲ୍ଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ



ଭୁବନେଶ୍ୱର,୧୦।୬(ନି.ପ୍ର.): ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଚରମ ସୀମାରେ ପହଞ୍ଚିବା ଏବଂ ପୁଲିସର କାର୍ଯ୍ୟଦକ୍ଷତା ଉପରେ ଚାରିଆଡୁ ସମାଲୋଚନା ହେବା ପରେ ଶେଷରେ ରାଜ୍ୟ ପୁଲିସ ମୁଖ୍ୟାଳୟର ଚେତା ପଶିଛି । ବିଗତ କିଛି ମାସ ଧରି ହାଜତ ମୃତ୍ୟୁ, ଭିଡ ହିଂସା ଏବଂ ଅପରାଧୀଙ୍କ ବଢୁଥିବା ଦୌରାତ୍ମ୍ୟକୁ ନେଇ ସରକାରଙ୍କ ଛାଟ ପଡିବା ପରେ ସ୍ଥିତି ସଜାଡିବା ପାଇଁ ଅଣ୍ଟା ଭିଡିଛନ୍ତି ପୁଲିସ ଡିଜି ୱାଇ.ବି. ଖୁରାନିଆ ।'ବାର୍ଷିକ ବ୍ଲକ ନିରୀକ୍ଷଣ କାର୍ଯ୍ୟକ୍ରମ-୨୦୨୬' ଅଧୀନରେ ଡିଜି ପାହ୍ୟାରୁ ଆରମ୍ଭ କରି ଆଇଜି ପାହ୍ୟା ପର୍ଯ୍ୟନ୍ତ ୧୫ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ୧୭ଟି ଜିଲ୍ଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଆସନ୍ତା ଜୁଲାଇ ମାସରୁ ଏହି ଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲା ଗସ୍ତ କରି ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଏବଂ ଥାନାଗୁଡିକର କାର୍ଯ୍ୟକାରିତାର ସମୀକ୍ଷା କରିବେ।

ସୂଚନା ଅନୁସାରେ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କୁ ବାଲେଶ୍ୱର ଓ ଭଦ୍ରକ ଏବଂ ଏଡିଜି ସଞ୍ଜୀବ ପଣ୍ଡାଙ୍କୁ କୋରାପୁଟ ଓ ରାୟଗଡା ଦାୟିତ୍ୱ ଦିଆଯାଇଛି । ସେହିପରି ଅରୁଣ ବୋଥ୍ରା (ଅନୁଗୁଳ), ସୌମେନ୍ଦ୍ର ପ୍ରିୟଦର୍ଶୀ (ଜଗତସିଂହପୁର) ଏବଂ ସଞ୍ଜୟ କୁମାରଙ୍କୁ ସମ୍ବଲପୁର ଭଳି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ଦିଆଯାଇଛି । ଡିଜି ଖୁରାନିଆଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟରେ ଶେଷ ହେବାକୁ ଯାଉଛି । ଅବସରର ମାତ୍ର ଦୁଇ ମାସ ପୂର୍ବରୁ ଏହି ସକ୍ରିୟତାକୁ ନେଇ ପୁଲିସ ମହଲରେ ଚର୍ଚ୍ଚା ଜୋର ଧରିଛି । ଏତେ ଦିନ ଧରି ତଦାରଖ ଅଭାବରୁ ବ୍ୟବସ୍ଥା ଦିଶାହୀନ ହୋଇଥିବାବେଳେ, ଏହି ଶେଷ ମୁହୂର୍ତ୍ତର ପ୍ରୟାସ କେବଳ କାଗଜପତ୍ରରେ ସୀମିତ ରହିବ ନା ବାସ୍ତବରେ ଆଇନଶୃଙ୍ଖଳାରେ ସୁଧାର ଆଣିବ, ତାହା ଦେଖିବାକୁ ବାକି ରହିଲା ।

## ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୧୧ଟଙ୍କା ବଢ଼ିଲା

ଭୁବନେଶ୍ୱର,୧୦।୬(ନି.ପ୍ର.):: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରକ୍ଷୀମାନଙ୍କ ଦୈନିକ ଭତ୍ତା୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ଭତ୍ତା ୨୦୨୬ ଜାନୁଆରୀ ୧ ତାରିଖରୁ ଲାଗୁହେବ। ସୂଚନାଯୋଗ୍ୟ ଯେ, ୨୦୨୫ ଜୁଲାଇ ପହିଲାରେ ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୨୩ରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଇତିମଧ୍ୟରେ ରାଜ୍ୟ ସରକାରଙ୍କ ନିୟମିତ କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ୨୦୨୬ ଜାନୁଆରୀ ପହିଲାରୁ ବୃଦ୍ଧି କରିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ଗୃହରକ୍ଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।

## ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା

# ଆଗୁଆ ଜାମିନ୍ ଆବେଦନ କଲେ ଓଏଏସ୍ ପ୍ରେମିକ

ଭୁବନେଶ୍ୱର ୧୦/୦୬: କାଠଯୋଡି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମ୍‌ଙ୍କ ମୃତଦେହ ମିଳିବା ଘଟଣା। ହାଇକୋର୍ଟରେ ଚନ୍ଦ୍ରିକାରଙ୍କ ପୁରୁଷ ବନ୍ଧୁ ଭୀମସେନ ଟୁଡୁ। ଆଗୁଆ ଜାମିନ୍ ଆବେଦନ କଲେ ଭୀମସେନ୍ ଟୁଡୁ। ଗତ ୪ ତାରିଖରେ ଚନ୍ଦ୍ରିକାଙ୍କ ମୃତ୍ୟୁ ପରେ ଫେରାର ଥିଲେ ଓଏଏସ ପ୍ରେମିକ।

ସୂଚନା ଯୋଗ୍ୟ ଯେ, ଚନ୍ଦ୍ରିକାଙ୍କ ମା' ହୀରାମଣି ହାଂସଦାଙ୍କ ଏତଲା ପରେ ବାରଙ୍ଗ ଥାନା ପୁଲିସ ବିଏନ୍‌ଏସ୍ ଧାରା ୧୦୮ରେ ମାମଲା ରୁଜୁ କରିଛି । ଏହା ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ଶ୍ରେଣୀର ଓ ଏଥିରେ ୧୦ ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ଓ ଜରିମାନାର ବ୍ୟବସ୍ଥା ରହିଛି । ବିନା ୱାରେଣ୍ଟ୍‌ରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରେ ବୋଲି ଗଣାମାଧ୍ୟମରେ ସୂଚନା ପାଇଥିଲେ ପୁରୁଷ ବନ୍ଧୁ। ଗିରଫ ଭୟ ଓଏଏସ୍ ପ୍ରେମିକ ହାଇକୋର୍ଟରେ ଜାମିନ୍ ଆବେଦନ କରିଛନ୍ତି। ତେରେ ସେ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରୁଥିବା ସୂଚନା ମିଳିଛି।

ଗତ ୪ତାରିଖ ସକାଳେ ନେତାଜୀ ସୁଭାଷ ସେତୁ ତଳୁ ବାରଙ୍ଗ ଥାନା ପୁଲିସ ଚନ୍ଦ୍ରିକାଙ୍କ ମୃତଦେହ ଜବତ କରିଥିଲା । ଚନ୍ଦ୍ରିକାଙ୍କ ଘର ମୟୂରଭଞ୍ଜ ଓ ସେ ବାଲେଶ୍ୱର ମେଡିକାଲ୍ କଲେଜରେ ଏମ୍‌ବିବିଏସ୍ ପଢୁଥିଲେ। ମୃତଦେହ ମିଳିବା ପରେ ପରିବାର ଏହି ମୃତ୍ୟୁ ପାଇଁ ଚନ୍ଦ୍ରିକାଙ୍କ ପ୍ରେମିକ ଓ ପ୍ରେମିକଙ୍କ ଝିଅ ସାଙ୍ଗକୁ ଦାୟୀ କରି ବାରଙ୍ଗ ଥାନାରେ ଏତଲା ଦେଇଥିଲେ ।

# ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଭିଡରୁ ମିଳିବ ମୁକ୍ତି

ଚନ୍ଦ୍ରଶେଖରପୁର,୧୦/୦୬: ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଭିଡରୁ ମିଳିବ ମୁକ୍ତି । ଭିଡ ପାର୍ ହେବାକୁ ଦୀର୍ଘ ସମୟ ଯାଏ ଅପେକ୍ଷା କରିବାକୁ ପଡିବନି । ମାତ୍ର ୧୫ ମିନିଟ୍ ରେ ସିଆରପି ଛକରୁ ବାହାରି ଇନଫୋସିଟିରେ ପହଞ୍ଚିଯିବେ । ପୁଣି ବିନା କୌଣସି ଟ୍ରାଫିକରେ । ବହୁ ପ୍ରତୀକ୍ଷିତ ଏହି ସମାନ୍ତରାଳ ରାସ୍ତାର ସିଂହଭାଗ କାମ ସରିଛି । ଏକାମ୍ରକାନନରୁ ଓଇଆରସି ଯାଏ ରାସ୍ତା ସମ୍ପୂର୍ଣ୍ଣ ହୋଇଛି । ଆସନ୍ତା ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।ଏକାମ୍ରକାନନ ପାର୍କ ସାମ୍ନାରୁ ହାତୀଆଶୁଣୀ ଯାଏଁ ଦୁଇ ପାଶ୍ୱର୍ ମୁଖ୍ୟ ରାସ୍ତାରେ ପିଚୁ କାମ ସହ ସର୍ଭିସ ରାସ୍ତା, ଡ୍ରେନ୍ ଓ ଡିଭାଇଡର କାମ ସରିଛି । ମେଡିଆନ ଓ ସର୍ଭିସ ରାସ୍ତାରେ ନୂଆ ଷ୍ଟ୍ରିଟ୍ ଲାଇଟ୍ ଲାଗିଛି । ବର୍ତ୍ତମାନ ଡିଭାଇଡର ମଝିରେ ଫୁଲ ଗଛ ଲଗାଯାଉଛି । ରାସ୍ତାର ଉଭୟ ପାଶ୍ୱର୍ କଡରେ ରଙ୍ଗ ଦିଆଚାଲିଛି । ଉଦ୍ଘାଟନକୁ ମାତ୍ର ଆଉ ୩ ଦିନ ବାକି ଥିବାରୁ ପୂର୍ତ୍ତ ବିଭାଗ ବାକି ଛୋଟ ମୋଟ କାମ ଶେଷ କରିବାକୁ ଦିନ ରାତି ଏକ କରି ଦେଇଛି । ଗୋଲେଇ ଛକ ଜଳ ଫୁଆରା ଉପରେ ଅଧିକ



ଗୁରୁତ୍ୱ ଦିଆଯାଉଛି । ଗୋଲେଇ ଚାରିପଟେ ପିଚୁ ସରିଥିବା ବେଳେ ମଝିରେ ବଡ ହାଇମାଷ୍ଟ ଲାଇଟ୍ ଲଗାଯାଇଛି । ଆଉ ଦିନେ ଭିତରେ ବାକି କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।ଉଦ୍ଘାଟନ ହେବା ପରେ ଗାଡି ଚାଳକ ସିଆରପି ଛକରୁ ବାହାରି ଏକାମ୍ର କାନନ, ହାତିଆଶୁଣୀ ହୋଇ ଜାଭିୟର ଛକ,ନାଲକୋ ଛକ,ନୀଳାଦ୍ରି ବିହାର,ଶୈଳଶ୍ରୀ ବିହାର, ନୀଳାଦ୍ରି ବିହାର ଓ ଇନଫୋସିଟି ସାଇ ମନ୍ଦିର ରାସ୍ତା ପାଶ୍ୱର୍ରେ ବାହାରିପାରିବେ । ସେପଟୁ ସମାନ ଦିଗରେ ଏକାମ୍ର କାନନ ଛକ ହୋଇ ଲୋକେ ସିଆରପି, ଜୟଦେବ ବିହାର, ନୂଆପଲ୍ଲୀକୁ ଲୋକେ ଯାଇପାରିବେ। ଅନ୍ୟପଟେ ଚୁନୁକୋଳି ଗାଁରେ ବସ୍ତି ଉଚ୍ଛେଦ ଶେଷ ହୋଇଛି । ଖୁବ୍ ଶୀଘ୍ର ଏଠାରେ ବାକି ରହିଥିବା ରାସ୍ତା କାମ ଆରମ୍ଭ ହେବ । ୨୦୧୬ରେ ଏକାମ୍ରକାନନ ଆଇଏମ୍ଏ ୨୦୦ ଫୁଟିଆ ରାସ୍ତାର ପରିକଳ୍ପନା କରାଯାଇଥିଲା । ହାତିଆଶୁଣୀଠୁ ଓଇଆରସି ଯାଏଁ କାମ ଶେଷ ହୋଇଥିଲା । ସେପଟେ ପଥରଗାଡିଆଠୁ ଆଇଏମଏ ଯାଏଁ କାମ ସରିଥିଲା । ମାତ୍ର ସାଲିଆ ସାହି ଓ ଚୁନୁକୋଳି ଗାଁରେ ବସ୍ତି ଉଚ୍ଛେଦ ହୋଇପାରୁନଥିବାରୁ କାମ ଅଟକିଥିଲା । ନଭେମ୍ବରରେ ସାଲିଆ ସାହି ଉଚ୍ଛେଦ ପରେ କାମ ଆଗକୁ ବଢିଥିଲା ।

### ଡାହୁକ



ଜନତାଙ୍କ ସ୍ୱାର୍ଥ ମକଚି ମଳି
ସରବ ଗିଳାଏ ଯେମିତି ଗିଳି
କରୁଛନ୍ତି ଦେଶ ଖୋଳ
ଦଣ୍ଡା ଦେଇ ଥଣ୍ଡା କରିବାକୁ ହେଲେ
ସଭିଏଁ ମିଶିକି ଲଢ଼।

-ବିଧୁ

# ଫ୍ଲେକ୍ସ ଓ ହୋର୍ଡିଂ ମୁକ୍ତ କେବେ ହେବ ଭୁବନେଶ୍ୱର ?

ଭୁବନେଶ୍ୱର,୧୦।୬(ନି.ପ୍ର.): ହୋର୍ଡିଂ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟି ବ୍ୟାପକ ଧନଜୀବନ କ୍ଷତିଗ୍ରସ୍ତ ହେଉଥିବା ପରିପ୍ରେକ୍ଷୀରେ ରାସ୍ତାକଡ ଓ ମଝିରେ ହୋର୍ଡିଂ ଲଗାଇବା ଉପରେ କଡା କଟକଣା ଜାରି କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

ଏଠାରେ ଉଲ୍ଲେଖନୀୟ ଯେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ହୋର୍ଡିଂ ନିୟନ୍ତ୍ରଣ ଦାୟିତ୍ୱ ବିଏମ୍‌ସି ହାତରେ ରହିଛି । ବିଭିନ୍ନ ସଂସ୍ଥା ଲଗାଉଥିବା ହୋର୍ଡିଂ ବିଜ୍ଞାପନରୁ ବିଏମ୍‌ସି କୋଟି କୋଟି ଟଙ୍କା ଆୟ କରୁଥିବାବେଳେ ଆଉ କେତେକ ସଂସ୍ଥା ପଇସା ନଦେଇ ଖସି ଯାଉଛନ୍ତି। ତେବେ ହୋର୍ଡିଂ ଲଗାଇବା ପାଇଁ ଯେଉଁସବୁ ଖୁଣ୍ଟ ସଂପୃକ୍ତ ବିଜ୍ଞାପନ ସଂସ୍ଥାମାନେ ମହାନଗରର ବିଭିନ୍ନ ଅଞ୍ଚଳରେ ବସାଇଛନ୍ତି ସେଗୁଡିକର ନିରାପତ୍ତା ଉପରେ ବିଶେଷ ଧ୍ୟାନ ଦିଆଯାଉ ନାହିଁ । ଫଳରେ ଖୁଣ୍ଟ ସହିତ ହୋର୍ଡିଂମାନ ଅନେକ ସମୟରେ ଭୁଶୁଡି ପଡି ଧନଜୀବନ ହାନିର କାରଣ ହେଉଛି ।

ଏଭଳି ଦୁର୍ଘଟଣା ଘଟିବା ପରେ ମଝିରେ ମଝିରେ କର୍ତ୍ତୃପକ୍ଷ ଚେଇଁ ଉଠନ୍ତି । ଗୋଟିଏ ସମୟରେ ଏଭଳି ଅନେକ ଦଦରା ହୋର୍ଡିଂ ଖୁଣ୍ଟ ଓ ଏହା ବସାଉଥିବା ବିଜ୍ଞାପନ ସଂସ୍ଥାଗୁଡିକୁ ଚିହ୍ନଟ କରାଯାଇଥିଲା । କିନ୍ତୁ ସେମାନଙ୍କ ବିରୋଧରେ ଦୃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ କେତେକ ବିଜ୍ଞାପନ ସଂସ୍ଥା ବିଏମ୍‌ସିକୁ ଟିକସ ବାବଦ ଅର୍ଥ ପୈଠରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।



କିଛିଦିନ ଧରି ରାଜଧାନୀରେ କାଳବୈଶାଖୀ ଲାଗି ରହୁଛି । ଏଥିଯୋଗୁ ବିଭିନ୍ନ ଅଞ୍ଚଳରେ ବହୁ ହୋର୍ଡିଂ ଉଡିଯାଉଛି । ରାସ୍ତା ମଝିର ବିଦ୍ୟୁତ ଖୁଣ୍ଟରେ ମରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ନେତାଙ୍କ ଫ୍ଲେକ୍ସ ସାମାନ୍ୟ ପବନରେ ଉଡିଯାଉଛି । କେତେବେଳେ ଏହା ଗାଡି ଚାଳକମାନଙ୍କ ଗତିରୋଧ କରୁଛି ତ ଆଉ କେତେବେଳେ ରାସ୍ତା କଡକୁ ନଇଁ ଯାନବାହନ ଚଳାଚଳରେ ବାଧା ଉପୁଯାଉଛି । ଏଭଳି ଫ୍ଲେକ୍ସ ବିଜ୍ଞାପନ ଲଗାଇବା ପାଇଁ ପ୍ରାୟତଃ କେହି କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଉନାହାନ୍ତି କି ଏ ବାବଦରେ ରାଜସ୍ୱ ମଧ ଦେଉ ନାହାନ୍ତି । ଓଲଟା ଚିରାଫଟା ଫ୍ଲେକ୍ସ ବିଜ୍ଞାପନଗୁଡିକୁ ବହୁ ସମୟରେ ବିଏମ୍‌ସି ନିଜ ଖର୍ଚ୍ଚରେ ଅପସାରଣ କରୁଛି ।

ଫ୍ଲେକ୍ସ, ହୋର୍ଡିଂ ଆଦି ଯୋଗୁ ସ୍ୱଚ୍ଛତା ଓ ମହାନଗରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି । ତେଣୁ ପରୀକ୍ଷାମୂଳକ ଭାବେ ପ୍ରଥମେ ରାଜଧାନୀ ଭୁବନେଶ୍ୱରକୁ ଫ୍ଲେକ୍ସ ଓ ହୋର୍ଡିଂ ମୁକ୍ତ ନଗର ଭାବେ ଘୋଷଣା କରିବା ପାଇଁ ବିଭିନ୍ନ ମହଲରୁ ଦାବି ଉଠୁଛି ।

ପରିବେଶବିତ୍‌ମାନେ କହୁଛନ୍ତି ଯେ ଫ୍ଲେକ୍ସ ଓ ହୋର୍ଡିଂ ଆଦିରେ ଯେଉଁ ପ୍ଲାଷ୍ଟିକ ଉପାଦାନ ବ୍ୟବହୃତ ହେଉଛି ତାହା ପରିବେଶ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ । କନା ଓ କାଗଜରେ ପୂର୍ବରୁ ଲଗାଯାଉଥିବା ବ୍ୟାନର, ପୋଷ୍ଟରଗୁଡିକ ମାଟିରେ ମିଶିଯାଉଥିଲା ଏବଂ ତାହାର କିଛି ପାଶ୍ୱର୍ ପ୍ରତିକ୍ରିୟା ରହୁନଥିଲା । କିନ୍ତୁ ଫ୍ଲେକ୍ସ, ହୋର୍ଡିଂ ଆଦିର ସାମଗ୍ରୀଗୁଡିକ ଜାଳିଲେ ବାୟୁ ପ୍ରଦୂଷଣ କରି କ୍ୟାନ୍ସର ଉପୁଯାଇବା ଆଶଙ୍କା ରହିଛି ।

ଦୀର୍ଘଦିନ ଧରି ଏହା ଖରାବର୍ଷାରେ ପଡିରହିଲେ ଗୁଣ୍ଡ ହୋଇଯାଏ ଏବଂ ଏଥିରୁ ବାହାରୁଥିବା ପ୍ଲାଷ୍ଟିକ୍ କଣିକାଗୁଡିକ ବାୟୁ ମଣ୍ଡଳର ଉତ୍ତାପ ବୃଦ୍ଧି କରିବା ସହିତ ମଣିଷ ଓ ଅନ୍ୟ ଜୀବଜନ୍ତୁମାନଙ୍କ ଶ୍ୱାସରେ ଶରୀର ଭିତରକୁ ଯାଇ ଫୁସ୍‌ଫୁସ୍ ଓ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗରେ ପ୍ଲାଷ୍ଟିକ୍ କଣିକା ଜମାଟ ହୁଏ। ଏଥିଯୋଗୁ ବହୁ ଭୟଙ୍କର ରୋଗବ୍ୟାଧି ସୃଷ୍ଟି ହେବାର ସମ୍ଭାବନା ରହିଛି । ଫ୍ଲେକ୍ସ, ହୋର୍ଡିଂ ଆଦିର ବର୍ଜ୍ୟବସ୍ତୁ ଉପରେ ଶୋଇଲେ ଚର୍ମ ଉପରେ ଖରାପ ପ୍ରଭାବ ପଡ ଏବଂ ଏହା ଉପରେ ପନିପରିବା, ଫଳମୂଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ରଖିଲେ ତାହା ମଧ ପ୍ରଦୂଷିତ ହୋଇ ରୋଗର କାରଣ ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି ।



# ତୃତୀୟ ପର୍ଯ୍ୟାୟରେ ୩୮,୮୫୦ଖଣ୍ଡ ମାଗଣା ପାଠ୍ୟପୁସ୍ତକ ବୁଗୁଡାରେ ପହଞ୍ଚିଲା

ବୁଗୁଡ଼ା,୧୦।୬:(ମନ୍ଥନ)ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଠ୍ୟପୁସ୍ତକ ମଧ୍ୟରୁ କେତେକ ଶ୍ରେଣୀର ପୁସ୍ତକ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି । ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ବହି ବଦଳି ଯାଇ ନୂତନ ସଂସ୍କରଣରେ ପ୍ରକାଶିତ ବହିକୁ ନେଇ ପାଠ ପଢ଼ାଯିବ ବୋଲି ଜଣାଯାଇଛି । ତେବେ ତୃତୀୟ ପର୍ଯ୍ୟାୟରେ ୩୮,୮୫୦ ଖଣ୍ଡ ବହି ପହଞ୍ଚିଥିବା ବେଳେ ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀର ଓଡିଆ(ଝୁଲଣ-୧) ୪୫୦ ଖଣ୍ଡ ଓ ଗଣିତ ଖେଳ ୪୫୦ ଖଣ୍ଡ , ଦ୍ୱିତୀୟ ଶ୍ରେଣୀର ଓଡ଼ିଆ (ଝୁଲଣ-୨) ୩୫୦ ଖଣ୍ଡ, ତୃତୀୟ ଶ୍ରେଣୀର ଇଂରାଜୀ ୧୮୦୦ ଖଣ୍ଡ ଓ ଗଣିତ ୩୦୦ ଖଣ୍ଡ , ଚତୁର୍ଥ ଶ୍ରେଣୀର ଆର୍ଟ ଏଜୁକେସନ ୩୫୦, ଓଡିଆ ୨୦୫୦, ଗଣିତ ୨୦୫୦, ଖେଳ ଓ ଯୋଗ ୨୦୫୦, ଇଂରାଜୀ ୩୫୦ ଓ ସାମାଜିକ ବିଜ୍ଞାନ ୩୫୦ ଖଣ୍ଡ , ପଞ୍ଚମ ଶ୍ରେଣୀର ଇଂରାଜୀ ୧୩୦୦, ସାମାଜିକ ବିଜ୍ଞାନ ୨୦୦୦, ଆର୍ଟ ଏଜୁକେସନ ୨୦୦୦, ଓଡିଆ ୩୦୦ ଓ ଗଣିତ ୩୦୦ ଖଣ୍ଡ , ଷଷ୍ଠ ଶ୍ରେଣୀର ଇଂରାଜୀ, ଗଣିତ, ବିଜ୍ଞାନ, ଖେଳ ଶିକ୍ଷା, ଆର୍ଟ ଏଜୁକେସନ ଆଦି ବିଷୟର ପ୍ରତ୍ୟେକରୁ ୧୯୫୦ ଖଣ୍ଡ ଲେଖାଏଁ, କୌଶଳ ଶିକ୍ଷା



୧୨୦୦, ସାମାଜିକ ବିଜ୍ଞାନ ୨୦୦, ହିନ୍ଦୀ ୨୦୦ ଖଣ୍ଡ , ସପ୍ତମ ଶ୍ରେଣୀର ସାହିତ୍ୟ ୧୯୫୦, ହିନ୍ଦୀ ୯୫୦, ଫିଜିକାଲ ଏଜୁକେସନ ୧୭୫୦, ଇଂରାଜୀ ୨୦୦, ବିଜ୍ଞାନ ୨୦୦, ହିନ୍ଦୀ ୧୦୦, ସଂସ୍କୃତ ୧୦୦, ଖେଳଶିକ୍ଷା ୨୦୦ ଓ ଆର୍ଟ ଏଜୁକେସନ ୨୦୦ ଖଣ୍ଡ, ଅଷ୍ଟମ ଶ୍ରେଣୀର ଇଂରାଜୀ ୨୧୫୦, ବିଜ୍ଞାନ ୬୫୦, ଫିଜିକାଲ ଏଜୁକେସନ ୨୦୦୦,ସାହିତ୍ୟ, ସାମାଜିକ ବିଜ୍ଞାନ, ଖେଳଶିକ୍ଷା ଓ ଆର୍ଟ୍ ଏଜୁକେସନ ପ୍ରତ୍ୟେକ ବିଷୟର ୧୫୦ ଖଣ୍ଡ ଲେଖାଏଁ ବହି ରହିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ବହି ଆସିବାକୁଥିବା ବେଳେ ସ୍ଥାନୀୟ ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ୧୧ଟି କ୍ଲଷ୍ଟର ମଧ୍ୟରେ ରହିଥିବା ୭୨ଟି ପ୍ରାଥମିକ, ୪୦ଟି ଉଚ୍ଚ ପ୍ରାଥମିକ ଓ ୧୮ଟି ଉଚ୍ଚ ବିଦ୍ୟାଳୟ ହିସାବରେ ମୋଟ ୧୩୦ଟି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢିବାକୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ ଏହି ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଇଓ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି ।

# ରଜ ମହୋତ୍ସବରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ସୋଲ ଦନା ବିରୋଧରେ ପୌରପାଳିକାର ଚଢ଼ାଉ, ୧୮ ଦୋକାନୀଙ୍କୁ ଜୋରିମାନା

ପାରାଦୀପ,୧୦।୬:(ମନ୍ଥନ)ପାରାଦୀପ ବେଳାଭୂମିରେ ଚାଲିଥିବା ରଜ ମହୋତ୍ସବରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ସୋଲ (ଥର୍ମାକୋଲ) ଦନା ବ୍ୟବହାର ବିରୋଧରେ ପାରାଦୀପ ପୌରପାଳିକା ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାର ପରେ ପୌରପାଳିକାର ଏକ ସ୍ୱତନ୍ତ୍ର ଟିମ ଚଢ଼ାଉ କରି ବିପୁଳ ପରିମାଣର ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ସୋଲ ଦନା ଜବତ କରାଯିବା ସହ ୧୮ ଜଣ ଦୋକାନୀଙ୍କ ଠାରୁ ପ୍ରାୟ ୬,୦୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି । ପୌରପାଳିକା ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି ଯେ, ଭବିଷ୍ୟତରେ ଯଦି ପୁନର୍ବାର ଏକକ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର କରାଯାଏ, ତେବେ ଅଧିକ ଜୋରିମାନା ଲାଗୁ କରାଯିବା ସହ ମେଳାରେ ଦୋକାନ ପକାଇବା ପାଇଁ ଅନୁମତି ମଧ୍ୟ ପ୍ରଦାନ କରାଯିବ ନାହିଁ । ଏହି ଚଢ଼ାଉ ଅଭିଯାନ ପାରାଦୀପ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା।ସୂଚନାଯୋଗ୍ୟ ଯେ, ପରିବେଶବିତ୍ତ ତଥା ପାରାଦୀପ କଲେଜ ଏନ୍‌ସିସି ଆଲୁମୁନି ଆସୋସିଏସନର ସେମାନଙ୍କୁ ବାରଣ କରିବା ସହ ପୌରପାଳିକା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଜବତ କରାଯାଇଥିବା ସୂଚନା ମିଳିଛି। ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି କରିଥିବାରୁ ଶ୍ରୀ ପଣ୍ଡା, ଅମ୍ବିକା ପ୍ରସାଦ ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ।



ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ବେଳାଭୂମିରେ କିଛି ଦୋକାନୀଙ୍କ ଦ୍ୱାରା ସୋଲ ଦନା ଓ ପ୍ଲାଷ୍ଟିକ ସାମଗ୍ରୀରେ ଗରମ ଖାଦ୍ୟ ପରିବେଷଣ କରାଯାଉଥିବା ଦେଖି ଶ୍ରୀ ପଣ୍ଡା ତୁରନ୍ତ ପଦକ୍ଷେପ ଗ୍ରହଣ କରି ତାଙ୍କ ଟିମକୁ ଘଟଣାସ୍ଥଳକୁ ପଠାଇଥିଲେ । ଅଭିଯାନ ସମୟରେ ପ୍ରାୟ ୨୦୦ ରୁ ୨୫୦ କିଲୋଗ୍ରାମ ପର୍ଯ୍ୟନ୍ତ ପ୍ଲାଷ୍ଟିକ ସାମଗ୍ରୀ ସେହିପରି ବ୍ୟବସାୟୀ, ଆୟୋଜକ ଓ ସାଧାରଣ ଜନତାଙ୍କୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଅନୁରୋଧ କରିଥିଲେ ।

# ପାଣିରେ ପଡି ବୃଦ୍ଧଙ୍କ ମୃତ

ଡେଲାଙ୍ଗ,୧୦।୬:(ମନ୍ଥନ)ଡେଲାଙ୍ଗ ଥାନା ଜେନାପୁର ପଞ୍ଚାୟତ ଅନ୍ତର୍ଗତ ପାଇକସାହି ଟୋଲାପଡା ଗ୍ରାମର ଜଣେ ବୃଦ୍ଧ ପାଣିରେ ପଡି ମୃତ୍ୟୁ ବରଣ କରିଛନ୍ତି । ମୃତକ ହେଲେ କଣ୍ଡୁରି ଜେନା (୭୯) । ତେବେ ମିଳିଥିବା ସୁଚନାନୁଯାଇ କଣ୍ଡୁରୀ ଶୌଚ ପାଇଁ ଘର ପାଖ ପୋଖରୀ କୁ ଯାଇଥିବା ସମୟରେ ଅସାବଧାନତା ବସତଃ ପାଣିରେ ପଡି ବୁଡି ଯାଇଥିଲେ । ସ୍ଥାନୀୟ ଲୋକମାନେ ବହୁତ ଖୋଜାଖୋଜି କରି ଉଦ୍ଧାର କରିବା ପରେ ନିକଟସ୍ଥ ଡେଲାଙ୍ଗ ମେଡିକାଲ କୁ ଚିକିତ୍ସା ପାଇଁ ନେଇଥିଲେ । ଡାକ୍ତର ସେଠାରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ଖବର ପାଇ ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ଶରୀରକୁ ଜବତ କରିଥିଲେ । ମୃତ କଣ୍ଡୁରୀଙ୍କ ପୁଅ ବିଦ୍ୟାଧର ଜେନା ଡେଲାଙ୍ଗ ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି । ଡେଲାଙ୍ଗ ଥାନାରେ ୯୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଉଥିବା ଥାନା ଏଏସଆଇ ବିନୋଦିନୀ ବେହେରା କହିଛନ୍ତି ।

# ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢାଉ, ୬୭ ଲିଟର ଦେଶୀ ମଦ ଜବତ, ୩ ଗିରଫ

ବୁଗୁଡା,୧୦।୬:(ମନ୍ଥନ)ସ୍ଥାନୀୟ ଅବକାରୀ ବିଭାଗ ତରଫରୁ ବୁଧବାର ଦିନ ବୁଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୬୭ ଲିଟର ଦେଶୀ ମଦ ଜବତ ସହ ଗିରଫ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ତିନି ଜଣ ହେଲେ କୋଦଲା ଥାନା ଅନ୍ତର୍ଗତ ବେରୁହାଁବାଡିର ପ୍ରଦୀପ ବେହେରା, ବୁଗୁଡ଼ା ଥାନା ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମର ବାବୁଲା ପ୍ରଧାନ ଓ ଗୋଳାବନ୍ଧ ଗ୍ରାମର ଅକ୍ଷୟ ଜେନା ହୋଇଥିବା ବେଳେ ସେମାନଙ୍କ ବିରୁଦ୍ଧରେ ଯଥାକ୍ରମେ କେସ୍ ନଂ ୩୮/୨୬, ୩୯/୨୬ ଓ ୪୦/୨୬ରେ ପୃଥକ୍ ଭାବେ ତିନୋଟି



ମାମଲା ରୁଜୁ ହୋଇଥିବା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି । ବୁଗୁଡା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମ ଉପକଣ୍ଠରେ ପ୍ରଦୀପଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଠଣାପଲ୍ଲୀ ଗାଁ ନିକଟରେ ବାବୁଲାଠାରୁ ୨୦ ଲିଟର ଏବଂ ଗୋଳାବନ୍ଧ ଗାଁ ଶେଷମୁଣ୍ଡରେ ଅକ୍ଷୟଠାରୁ ୨୨ ଲିଟର ଦେଶୀ ଜବତ କରାଯାଇଥିଲା । ଉକ୍ତ ଚଢାଉ କାର୍ଯ୍ୟରେ ଅବକାରୀ ଥାନା ଓଆଇସିଙ୍କ ସମେତ ନିରେନ୍ଦ୍ର ଶବର, ନିରଞ୍ଜନ ବେହେରା, ମନୋରଞ୍ଜନ ସେଠୀ ଓ କାମନା ରେଡି ପ୍ରମୁଖ ଅବକାରୀ କର୍ମଚାରୀ ସାମିଲ ଥିଲେ ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ନେତୃତ୍ୱର ସେଲିବ୍ରେସନ,ଜଳେଶ୍ୱରରେ ଭବ୍ୟ ମହାଯଜ୍ଞ ଓ ସଂକଳ୍ପ ସଭା

ଜଳେଶ୍ୱର,୧୦।୬:(ମନ୍ଥନ)ଭାରତ ବର୍ଷରେ ନରେନ୍ଦ୍ର ମୋଦିଜୀ ସର୍ବାଧିକ ସମୟ ଧରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଭାବେ ଗୌରବ ଅର୍ଜନ କରିଥିବା ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକର ଛମୌଜ ପାବନ କ୍ଷେତ୍ରଠାରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ଭାରତୀୟ ଜନତା ପାର୍ଟି (ବିଜେପି) ତରଫରୁ ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ଶରୀର ଏବଂ ଦୀର୍ଘାୟୁ କାମନା କରି ଏକ ସାମୁହିକ ଦ୍ୱୀପଦାନ,ମହାଯଜ୍ଞ,ବିଶେଷ ପୂଜାର୍ଚ୍ଚନା ଏବଂ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱରର ପ୍ରସିଦ୍ଧ ଛମୌଜ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏହି ପବିତ୍ର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁଯାୟୀ,ପ୍ରଧାନମନ୍ତ୍ରୀ ମୋଦିଜୀ ଦୀର୍ଘ ସମୟ ଧରି ଦେଶର ଦାୟିତ୍ୱ ତୁଲାଇ ଭାରତକୁ ବିଶ୍ୱ ଦରବାରରେ ଏକ ନୂତନ



ଗୌରବ ଆଣିଦେଇଛନ୍ତି।ଏହି ଐତିହାସିକ ସଫଳତା ପାଇଁ ଭଗବାନଙ୍କ ନିକଟରେ କୃତଜ୍ଞତା ଜଣାଇବା ସହ ତାଙ୍କର ମଙ୍ଗଳ କାମନା କରି ଏହି ମହାଯଜ୍ଞ କରାଯାଇଥିଲା । ପୂଜାର୍ଚ୍ଚନା ଏବଂ ଯଜ୍ଞ ପୂର୍ଣ୍ଣାହୁତି ସମାପ୍ତ ହେବା ପରେ ସମସ୍ତ ଶ୍ରଦ୍ଧାଳୁ,ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସେବା ଓ ନେତୃତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଡ.ପ୍ରଦୀପ କୁମାର ପଣ୍ଡା ଏବଂ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ବାଲେଶ୍ୱର (ଉତ୍ତର) ବିଜେପି ଜିଲ୍ଲା ସମ୍ପାଦକ କାଳିଚରଣ ଦାସ ମଞ୍ଚ ଆହ୍ୱାନ କରିବା ସହ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଗଣେଷ ସରେନ୍,ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ,ନଗର ସଭାପତି ଶିବ ନାରାୟଣ ମହାପାତ୍ର,କାଉନସିଲର ଚନ୍ଦନ ଦାସ,ମଣ୍ଡଳ ସଭାପତି ସଞ୍ଜୀବ ସେନାପତି,ସଞ୍ଜୀବ ଜେନା ଏବଂ ବିଜୟ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ଏବଂ ଦଳୀୟ କର୍ମକର୍ତ୍ତା ବିପୁଳ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଜୈବସାର ଉପରେ ଚାଷୀ ଉତ୍ପାଦକ ତାଲିମ ଶିବିର

ପିପିଲି,୧୦।୬:(ମନ୍ଥନ)ପିପିଲି ଜଇସପାଟଣା ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ ଫସଲ ଏବଂ କୃଷି ପ୍ରଣାଳୀରେ ଗୁଣାତ୍ମକ ବାୟୋଇନୋକୁଲାଣ୍ଟର ଉତ୍ପାଦନ, ଯୋଗାଣ (ଜୟ ପୋଷାକ) ପ୍ରକଳ୍ପ ଅନ୍ତର୍ଗତ ଅଭିନବ ପ୍ରକଳ୍ପ ଅନୁଷ୍ଠିତ ହୋଇଯାଇଛ । ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀର ମେରା ଗାଁ ମେରା ଗୌରବ କାର୍ଯ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଂଶ ଅଟେ । ଏହି କାର୍ଯ୍ୟକ୍ରମ ର ମୁଳ ଲକ୍ଷ୍ୟ ସାରର ସନ୍ତୁଳିତ ବ୍ୟବହାର ଏବଂ ଖ୍ରେ ବଚାଓ ଅଭିଯାନୟ ପିପିଲି ଫୋର ଏସ ଫୋର ଆର ଫାର୍ମର କମ୍ପାନୀ ଲିମିଟେଡ଼ ସହିତ ମିଳିତ ଭାବରେ ଆୟୋଜିତ ହୋଇଥିଲା । ଏଥିରେ ସମନ୍ୱୟ ପ୍ରମୁଖ ବୈଜ୍ଞାନିକ ଡକ୍ଟର ଆନି ପୁନମ ସଭାପତିତ୍ୱ କରିଥିଲେ । ସେ ସମନ୍ୱିତ କୃଷି ପ୍ରଣାଳୀ (ଆଇ ଏଫ ଏସ ) ଅଭ୍ୟାସ ଉପରେ ସାରର ସନ୍ତୁଳିତ ବ୍ୟବହାର, ଜୈବ ସାର ବ୍ୟବହାରର ଲାଭ ଏବଂ ରାଜସ୍ୱ ବୃଦ୍ଧି ଉପରେ ଆଲୋକପାତ କରିଥିଲେ ।ଡକ୍ଟର ଲୋଟନ୍ ବୋସ୍, ପ୍ରମୁଖ ବୈଜ୍ଞାନିକ ଲୋକପ୍ରିୟ ଜଳବାୟୁ ପ୍ରତିରୋଧୀ ସି ଆର ଆର ଆଇ ଧାନ କିସମ ଏବଂ ରାସାୟନିକ ସାରକୁ ୨୫% ପ୍ରୟୋଗ ବିଷୟରେ ପରାମର୍ଶ ଦେଇଥିଲେୟ ଡକ୍ଟର ଶ୍ରୀକାନ୍ତ ଲେଙ୍କା, ପ୍ରମୁଖ ବୈଜ୍ଞାନିକ ପରିବର୍ତ୍ତିତ ଜଳବାୟୁ



ପରିସ୍ଥିତିରେ ଉଦ୍ଭିଦ ରୋଗଜୀବାଣୁର ପ୍ରାଦୁର୍ଭାବ ଏବଂ ନ୍ୟାୟିକ ଭାବରେ ରାସାୟନିକ ସାର ବ୍ୟବହାର କରିବାର ଆବଶ୍ୟକତା ଏବଂ ପରିବର୍ତ୍ତନ କରିବାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେୟ ପ୍ରମୁଖ ବୈଜ୍ଞାନିକ ଡକ୍ଟର ମାନସ ବାଗ୍ ଉଦ୍ଭିଦ ପୁଷ୍ଟିକର ପରିପୂରକ ପାଇଁ ଟ୍ରାଇକୋଡର୍ମାର ଜୈବଉଦ୍ଦୀପକ ଭାବରେ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଜ୍ଞାନିକ ଡକ୍ଟର ଅନିଲ କୁମାର ଧାନ କିସମ ଏବଂ ଜୈବ ସାରର ପ୍ରୟୋଗ ବିଷୟରେ ଆଲୋକପାତ କରିଛନ୍ତିୟ ଏହି କାର୍ଯ୍ୟକ୍ରମକୁ ସଞ୍ଜିତ କୁମାର ମହାନ୍ତି ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୧ ଜଣ ମହିଳା ଏବଂ ୨୮ ଜଣ ପୁରୁଷଙ୍କ ସମେତ ପ୍ରାୟ ୪୯ ଜଣ ଚାଷୀ ଉପକୃତ ହୋଇଥିଲେ । ଜୈବ ପୋଷାକ ପ୍ରକଳ୍ପର ଗବେଷଣା ସହଯୋଗୀ ଡକ୍ଟର ସାଇ କୃଷ୍ଣ ରେପାଲି ଜୈବ ସାର ପ୍ରୟୋଗ ପଦ୍ଧତି ପ୍ରଦର୍ଶନ କରିଥିଲେ। ଧାନ ଏବଂ ପନିପରିବା ଫସଲରେ ଜୈବ ସାରର ପ୍ରଭାବଶାଳୀ ପ୍ରୟୋଗ ଉପରେ ଚାଷୀ ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା ହୋଇଥିଲା ।

# କେନ୍ଦ୍ରାପଡା ବ୍ଲକ ସ୍ତରୀୟ ବ୍ରାହ୍ମଣ ମହାସଙ୍ଘ ବୈଠକ

କେନ୍ଦ୍ରାପଡ଼ା, ୧୦।୬:(ମନ୍ଥନ) କେନ୍ଦ୍ରାପଡା ବ୍ଲକ ସ୍ତରୀୟ ବ୍ରାହ୍ମଣ ମହାସଙ୍ଘର ତୃତୀୟ ଆଞ୍ଚଳିକ ସାଂଗଠନିକ ସଭା ନିକିରାଇସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଉମାକାନ୍ତ ପଣ୍ଡାଙ୍କ ଆବାହକତ୍ୱରେ ଏବଂ ବ୍ଲକ ମହାସଙ୍ଘର ସଭାପତି ଜଗବନ୍ଧୁ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଣ୍ଡିତ ଅକ୍ଷୟ କୁମାର ତ୍ରିପାଠୀ ବେଦପାଠ କରିଥିଲେ। ଜିଲ୍ଲା ସଂଗଠନ ସମ୍ପାଦକ ପଣ୍ଡିତ ତପନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜିଲ୍ଲା କୋଷାଧ୍ୟକ୍ଷ ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା ବୈଦିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ମାନ ସମାଜକୁ ବ୍ରାହ୍ମଣଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରି ସଂଗଠନକୁ ମଜଭୁତ କରିବାକୁ ନିବେଦନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ସରୋଜକାନ୍ତ ପଣ୍ଡା ଯୋଗଦେଇ ତୃଣମୂଳ ସ୍ତରରୁ ବ୍ରାହ୍ମଣମାନଙ୍କୁ ଏକାଠି କରିବା ସହ ସଂସ୍କାର ଓ ସଂସ୍କୃତି ସମ୍ପନ୍ନ ହେବାକୁ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ସମ୍ପାଦକୀୟ ବିବରଣୀ ପାଠ କରିବା ସହ ପ୍ରତ୍ୟେକ ପଞ୍ଚାୟତରେ ପ୍ରତି ବ୍ରାହ୍ମଣ ପରିବାରକୁ ସଂଗଠନରେ ସାମିଲ କରିବାକୁ ପଞ୍ଚାୟତ ସଂଯୋଜକମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ ସରକାରଙ୍କ ସଂରକ୍ଷଣ ନୀତି ବିରୋଧରେ ସଂଗ୍ରାମ ଜାରିରଖିବାକୁ ନିବେଦନ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଯୁବ ବାହିନୀ ସମ୍ପାଦକ ଜିତେନ୍ଦ୍ର କୁମାର ଦାଶ ପରିଚୟ ପ୍ରଦାନ କରିଥିବା ବେଳେ ସଂଯୋଜକ ଦୀପକ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଦତ୍ତ ପଣ୍ଡା, ପ୍ରମୋଦ କୁମାର ପଣ୍ଡା,



ଆଞ୍ଚଳିକ ଯୁବବାହିନୀ ସଂଯୋଜକ ସାଇସ୍ୱରାଜ ଶତପଥୀ ଯୁବବପିଢୀକୁ ଗାଁ ଗାଁ ଗସ୍ତକରି ସଭାସମିତି କରିବାକୁ ଆହ୍ୱାନ ଦେଇଥିଲେ। ରାମ ଚନ୍ଦ୍ର ପତି, ଶିକ୍ଷାବୀତ ସୀତାକାନ୍ତ ମିଶ୍ର, ପ୍ରଫୁଲ୍ଲ କୁମାର ଶତପଥୀ, ରତିକାନ୍ତ ତ୍ରିପାଠୀ, ବିଭୁଦତ୍ତ ଶତପଥୀ ପ୍ରମୁଖ ରୁଦ୍ର ପ୍ରକାଶ ଶତପଥୀ, ବାବାଜୀ ଚରଣ ଉପାଧ୍ୟାୟ, କେଶବ ଚନ୍ଦ୍ର ପତି, ଆଲୋକ ପତି, ଅକ୍ଷୟ କୁମାର ଦାଶ, ଅଭିରାମ, ପଣ୍ଡା, ନରେନ୍ଦ୍ର କୁମାର ତ୍ରିପାଠୀ, ଦୀପ୍ତିକାନ୍ତ ପଣ୍ଡା, ଶ୍ରୀନିବାସ ଶତପଥୀ, ସରୋଜ କୁମାର ପଣ୍ଡା, ଭୁବନମୋହନ କର ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜକ କନ୍ଧ ଶତପଥୀଙ୍କ ଘର ଭାଙ୍ଗିବା ପ୍ରୟାସ ଫସର ଫାଟିଲା

ଗଞ୍ଜାମ,୧୦।୬:(ମନ୍ଥନ)ଗଞ୍ଜାମ ସହର ତ୍ରିବେଣୀ ମଠ ଛକ ଠାରେ ଦୀର୍ଘ ୭୦ ବର୍ଷ ହେବ ରହି ଆସୁଛନ୍ତି ପୂଜକ କନ୍ଧ ଶତପଥୀ ଓ ତାଙ୍କ ପରିବାର । ପୂଜକଙ୍କ ଘର ଉଚ୍ଛେଦ ପାଇଁ ଦୀର୍ଘ ବର୍ଷ ହେବ ପ୍ରୟାସ କରାଯାଉଥିଲେ ମଧ୍ୟ ଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ଓ ଦେବୋତ୍ତର ବିଭାଗ ନିରାଶ ହୋଇଛନ୍ତି । ପୋଲିସ ଫୋର୍ସ ସହ ଦେବୋତ୍ତର ବିଭାଗ, ତହସିଲ ଓ ପୋଲିସ ପ୍ରଶାସନ ପ୍ରମୁଖ ପୂଜକଙ୍କ ଘର ପାଖରେ ପହଂଚି ତମ ଘର ଉଚ୍ଛେଦ ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି ଶୀଘ୍ର ଘର ଖାଲି କରିବାକୁ ପୂଜକଙ୍କ ପରିବାରଙ୍କୁ କହିଥିଲେ । ଶୁଣିବା ପରେ ପୂଜକ ଶତପଥୀ ଓ ତାଙ୍କ ସ୍ତ୍ରୀ ଘର ଆଗରେ ବସି ରହିଥିଲେ । ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଥିଲେ ମଧ୍ୟ ୨୦୧୬ ରେ ସରକାର ଗ୍ରାମକଣ୍ଟକ ପଟ୍ଟା ପ୍ରଦାନ କାହିଁକି ପ୍ରଦାନ କରିଛନ୍ତି ବୋଲି ପୂଜକଙ୍କ ଓକିଲ ଦିଲ୍ଲୀପ କୁମାର ପଟ୍ଟନାୟକ ଯୁକ୍ତି ବଢିଥିଲେ । ଏହିସହ କିଛି ଦିନ ମହାଲତ ଦେବା ନିୟମ ଥିବା ଦାବୀ କରିଥିଲେ ପୂଜକଙ୍କ ଓକିଲ ଆଇନଜୀବୀ ପଟ୍ଟନାୟକ। ଓକିଲଙ୍କ ଯୁକ୍ତିକୁ ଯଥାର୍ଥ କହି କେମିତି ଘର ଭାଙ୍ଗିଦେବ ବୋଲି ସ୍ଥାନୀୟ ଅଞ୍ଚଳ ବାସୀ ଏହାକୁ ନେଇ ପ୍ରଶାସନ ଠାରେ ଘୋର ବିରୋଧ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଅତିରିକ୍ତ ତହସିଲଦାର ଲିଲି କୁମାରୀ,ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର,ଏଡିସନାଲ ଆଇଆଇସି ଶୁଭଲକ୍ଷ୍ମୀ କଅଁର, ଏସ ଆଇ ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁଦୀପ୍ତ କୁମାର ସାହୁ, ମହିଳା ଏଏସଆଇ ସୁପ୍ରଭା ସାହୁ ପ୍ରମୁଖ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଦୀର୍ଘ ସମୟ ଧରି ଦେବୋତ୍ତର ବିଭାଗ କର୍ମଚାରୀ, ତହସିଲ ଓ ପୋଲିସ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ସ ବାହାରି ପାରିନଥିଲା କ୍ଷ ପରେ ଖବର ପାଇ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଘଟଣା ସ୍ଥଳରେ ପହଂଚି ହାଇକୋର୍ଟଙ୍କ ନୋଟିସ ଓ ପୂଜକଙ୍କ ଗ୍ରାମ କଣ୍ଟକ ଘର ପଟ୍ଟା ଦେଖିଥିଲେ । ତଥାପି କୌଣସି ନିଷ୍କର୍ସ ନ ବାହାରିବା ଯୋଗୁଁ ପୂଜକଙ୍କ ଘର ନଭାଙ୍ଗି ଫେରି ଯାଇଥିଲେ । ପ୍ରକାଶ ଯୋଗ୍ୟ ପୂଜକଙ୍କ ଘର ଠାରୁ କିଛି ଦୂରରେ ଥିବା ଜଗନ୍ନାଥ ମନ୍ଦିର ମାଲିକ ବାରମ୍ବାର ଘର ଭାଙ୍ଗିବାକୁ ପ୍ରୟାସ କରୁଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କ ବିରୋଧ ପୂଜକଙ୍କ ଓକିଲଙ୍କ ଯୁକ୍ତିକୁ ସାମ୍ନା କରି ନପାରି ନିରାଶ ହୋଇଛନ୍ତି । ସୂଚନା ଯୋଗ୍ୟ ପୂଜକ ଶତପଥୀ ଜଣେ ସରଳ ନିସ୍ୱାର୍ଥପର ବ୍ରକ୍ଷହ୍ମଣ । ଘର ଖଣ୍ଡିଏକୁ ଛାଡିଦେଲେ ଜମିଜମା କିଛି ନାହିଁ । ମନ୍ଦିରରୁ ଯାହା ମିଳେ ସେଥିରେ ତାଙ୍କର ପରିବାର ପ୍ରତି ପୋଷଣ କରନ୍ତି ।

# ଜ୍ୱାଇଁର ବର୍ବର କାଣ୍ଡ,ଶ୍ୱଶୁର ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇଲା

ମୋରଡ଼ା,୧୦।୬:(ମନ୍ଥନ) ଜ୍ୱାଇଁର ଅତ୍ୟାଚାର ସହି ନପାରି ଝିଅ ବାପଘରକୁ ପଳାଇ ଆସିବା ଏବଂ ସଂସାର ବଞ୍ଚାଇବା ପାଇଁ ବାପା-ମାଆ। ବୁଝାସୁଝା କରିବା ଶେଷରେ ଏକ ନିରୀହ ପରିବାର ପାଇଁ କାଳ ସାଜିଛି । ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅନ୍ତର୍ଗତ ନାଉପଦା ଅଞ୍ଚଳରେ ଏଭଳି ଏକ ଜଘନ୍ୟ କାଣ୍ଡ ଘଟିଛି । ଯେଉଁଠି ପାରିବାରିକ ବିବାଦ ଯୋଗୁଁ ଜଣେ ପାଷଣ୍ଡ ଜ୍ୱାଇଁ ନିଜ ଶ୍ୱଶୁର ଘର ଲୋକଙ୍କୁ ଜୀବନ୍ତ ଜାଳିଦେବାକୁ ଚେଷ୍ଟା କରିଛି । ପୀଡ଼ିତା ଶାଶୁ ସୋହାନା ବିବିଙ୍କ କହିବା ଅନୁଯାୟୀ, ଅଭିଯୁକ୍ତ ଜ୍ୱାଇଁ ସେକ୍ ସାଗିର ତାଙ୍କ ଝିଅକୁ ପ୍ରତିଦିନ ମାଡ଼ପିଟ୍ ଓ ବ୍ଲାକମେଲ୍ କରୁଥିଲାୟ ଏହାର ସମାଧାନ ପାଇଁ ଭଦ୍ରଲୋକଙ୍କୁ ନେଇ ଆପୋଷ ବୁଝାମଣା କରିବାକୁ ପରିବାର ଲୋକେ କହିଥିଲେୟ ହେଲେ ଏଥିରେ ଉକ୍ଷିପ୍ତ ହୋଇ ସାଗୀର୍ ଗତକାଲି ରାତି ପ୍ରାୟ ୨ଟା ୩୦ ମିନିଟ ସମୟରେ, ସମସ୍ତେ ଶୋଇଥିବା ଅବସ୍ଥାରେ ଘର ବାହାରୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା ।ଏହି ଅଗ୍ନିକାଣ୍ଡରେ ଘରର ମୁଖ୍ୟ (ସୋହାନାଙ୍କ ସ୍ୱାମୀ) ସମ୍ପୂର୍ଣ୍ଣ ଭାବେ ପୋଡ଼ି ହୋଇ ଗୁରୁତର ହୋଇଥିବା ବେଳେ, ପିଲାମାନଙ୍କୁ ସୁରକ୍ଷିତ ବାହାର କରିବା ସମୟରେ ସୋହାନାଙ୍କ ହାତ ମଧ୍ୟ ପୋଡ଼ି ଯାଇଛ । ଅପରପକ୍ଷରେ, ପୋଲିସ ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ, ଅଭିଯୁକ୍ତକୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ବାନ୍ଧି ରଖିବାକୁ କହିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ସାଗି ରଘୁନାଥପୁର ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ବର୍ତ୍ତମାନ ସେ ଫେରାର ଅଛି । ସୂଚନା ଥାଉକି ଗତ ମଇ ମାସ ୩୧ ତାରିଖ ସାବନାଙ୍କ ସ୍ୱାମୀ ସାଗୀର ନାଉପଦା ସ୍ଥିତ ସାବାନାଙ୍କ ବାପା ଘରେ ଏହିଭଳି ନିଶା ସେବନ କରି ଲୁଗାପଟାରେ ନିଆ। ଲଗାଇ ଦେଇଥିଲେ । ଏନେଇ ସାବନା ୩୧/୦୫ ରିଖ ଶୁଳିଆପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନାରେ ମଧ୍ୟ କେସ ନମ୍ବର୍ ୭୨/୨୬ରେ ମାମଲା ରୁଜୁ ହୋଇଥିଲା । କିନ୍ତୁ ପୋଲିସ ଏହାର ସଠିକ୍ ତଦନ୍ତ ନ କରିବାରୁ ଅଭିଯୁକ୍ତ ଜ୍ୱାଇଁର ସାହସ ବଢିଯାଇଥିଲା । ଯାହାର ପରିଣାମ ଆଜି ସବାନାଙ୍କ ବାପା ହାରୁନ ଓ ମାଆ। ସୋହନା ଭଗୁଛନ୍ତି । ସବାନଙ୍କ କହିବା ଅନୁଯାୟୀ ଗତକାଲି ଏ କାଣ୍ଡ ସମୟରେ ଶୁଳିଆପଦା ଥାନାକୁ ଏସ ଆଇ ରୂପଶ୍ରୀ ସ୍ୱାଇଁଙ୍କୁ ସେ ଫୋନ କରିଥିଲେ କିନ୍ତୁ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ପରିବର୍ତ୍ତେ ଅପରାଧୀକୁ ବାନ୍ଧି ରଖିବାକୁ ପରିବାର ଲୋକଙ୍କୁ କହିଥିଲା । ଫଳସ୍ୱରୂପ ସାଗିର ଏବେ ଫେରାର ଅଛି ।

# ରେଙ୍ଗାଲି ଗ୍ରିଡ୍ ରୁ ତାର ଓ ତେଲ ଚୋରି: ୬ ଗିରଫ

ଅନୁଗୋଳ,୧୦।୬:(ମନ୍ଥନ)ଗତ ମାସ ୨୫ ତାରିଖ ରେ ରେଙ୍ଗାଲି ଡ୍ୟାମ ସାଇଟ୍ ଥାନାରେ ଓପିଟିସିଏଲ୍ ର ଏସଡିଓ କପିଳେନ୍ଦ୍ର ଭୋଇ ଅଭିଯୋଗ କଲେକି ଗତ ୨୪ ତାରିଖ ରାତିରେକିଛି ଦୁର୍ବୃତ୍ତ ନିକଟସ୍ଥ ଗ୍ରିଡ୍ ର ଏକ ସବ୍ ଷ୍ଟେସନ୍ ଭିତରେ ପଶି ୭୦ କ୍ୱିଣ୍ଟାଲ ତମ୍ବା ତାର ସହ ୨୦୦୦ ଲିଟର ଟ୍ରାନସଫର୍ମର ତେଲ ନେଇ ପଳାଇ ଛନ୍ତି । ଏ ଅଭିଯୋଗ ଉପରେ ଥାନା ପକ୍ଷରୁ ଏକ ମାମଲାରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ବିଭିନ୍ନ ସୂତ୍ରରୁ ତଥ୍ୟ ମିଳିବା ପରେ ଚୋର ମାନଙ୍କ ସମ୍ପର୍କରେ ସୁରାକ୍ ମିଳିଲା। ସେମାନଙ୍କୁ ଅଟକ ରଖି ପଚରା ଉଚରା ପରେ ସେମାନେ ଚୋରି ନେଇ ସବୁ ସତ ମାନି



ଯାଇଥିଲେ । ଅଭିଯୁକ୍ତ ମାନେ ହେଲେ ବଳରାମ ନାୟକ,କାମାକ୍ଷାନଗର,ବୁବିନୁ ସାହୁ ବଡ଼ମ୍ବା, ଯୁଗୋଲ କିଶୋର ସାହୁ,ଟାଙ୍ଗୀ ,ପ୍ରଧାନ ହେମ୍ବ୍ରମ,ଗିରାଂଗ,ଜିତେନ୍ଦ୍ର ସାହୁ ଗାରାଂଗ, ରବିନାରାୟଣ ଗଡ଼ନାୟକ,ଦୋମୁହଣି,ପରଜଙ୍ଗ। ଦୁର୍ବୃତ୍ତ ମାନଙ୍କ ଠାରୁ ଗୋଟିଏ ବୋଲେରୋ, ପିକ ଅପ୍,ମୋବାଇଲଫୋନ୍ ଏବଂ ନଗଦ ୬୫,୧୦୦ ଟଙ୍କା ଜବତ କରାଯାଇଥିଲାୟଗିରଫ ବ୍ୟକ୍ତି ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ରେଙ୍ଗାଲି ଡ୍ୟାମ ସାଇଟ୍ ଥାନା ଅଧିକାରିଣୀଚଞ୍ଚଳା ନାୟକ ତଦନ୍ତକାରୀ ଅଧିକାରୀ ରୂପେ ସଫଳତାର ସହଦୁର୍ବୃତ୍ତ ମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ ।

ଗୁରୁବାର ୧୧, ଜୁନ୍ ୨୦୨୬, ଭୁବନେଶ୍ୱର
Thursday, 11 June 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।'

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଭଗବାନ ଶ୍ରୀ ପୁରୁଷୋତ୍ତମ : ସର୍ବସମ୍ମତ ପୁରୁଷୋତ୍ତମ ଏକାଦଶୀ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

'ଗଙ୍ଗୈବ ତୀର୍ଥଂ ସ୍ମର ଏକଧ୍ୱନୀ, ବିତ୍ତଂ ତୁ ବିଦ୍ୱୈବ ଗୁଣାସ୍ତୁ ରୂପମ। ମାସେସୁ ସର୍ବେଷୁ ତଥୈବ ସାକ୍ଷାନ୍ - ମାସୋତ୍ତମାଽୟଂ ପୁରୁଷୋତ୍ତମମୋ ହି।।' - ବୃହଦ୍ ନାରଦୀୟ ପୁରାଣ, ୨୦/୬୮। ସର୍ବସମ୍ମତ ପୁରୁଷୋତ୍ତମ ଏକାଦଶୀ ହେଉଛି ଏକ ପୁଣ୍ୟତମ ଦିନ। ଏହାକୁ ଶୁକ୍ଳପକ୍ଷ ଏକାଦଶୀ ଭାବରେ କେହି କେହି କହିଥାନ୍ତି। ଏ ସମ୍ବନ୍ଧରେ 'ପଦ୍ମପୁରାଣ'ରେ ଯୁଧିଷ୍ଠିର-ଶ୍ରୀକୃଷ୍ଣଙ୍କ କଥୋପକଥନ ରହିଛି। ଏହି ଏକାଦଶୀ ଦିନ ନିର୍ଜଳା ଉପବାସ କରି ବ୍ରତ ଧାରଣ ପୂର୍ବକ ବିଷ୍ଣୁ ସ୍ୱରୂପ ଇଷ୍ଟଙ୍କୁ ବ୍ରତପାଳନକାରୀମାନେ ପ୍ରାର୍ଥନା କରିଥାନ୍ତି। ବିଶ୍ୱାସ ରହିଛି ଏହାଦ୍ୱାରା ଭୋଗ ଓ ମୋକ୍ଷ ଉଭୟ ପ୍ରାପ୍ତ ହୋଇଥାଏ। ପୁରୁଷୋତ୍ତମ ମାସ ବା ମଳ ମାସ ଯାହାର ଅଧିପତି ବା ମାଲିକ ହେଉଛନ୍ତି ସ୍ୱୟଂ ଶ୍ରୀପୁରୁଷୋତ୍ତମ। ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ଯେ ଏହି ପୁରୁଷୋତ୍ତମ କିଏ ? ପ୍ରେମମୟ ଶ୍ରୀକୃଷ୍ଣ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ଉଭୟ ପୁରୁଷୋତ୍ତମ। ତାଙ୍କ ଭିତରେ କୌଣସି ପ୍ରଭେଦ ନାହିଁ। ଶ୍ରୀମଦ ଭାଗବତ ଗୀତରେ ଭଗବାନ କୃଷ୍ଣ 'ପୁରୁଷୋତ୍ତମ ଯୋଗରେ' ସବୁ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ 'ବୃହତ୍ ନାରଦୀୟ ପୁରାଣ' ପୁରୁଷୋତ୍ତମ ମାସର ମହାତ୍ମ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି। ଏଥିରେ ଉଲ୍ଲେଖ ରହିଛି ଯେ ମହାବାହୁ ପୂର୍ଣ୍ଣବ୍ରହ୍ମ ପରଂବ୍ରହ୍ମ ପୁରାଣ ପୁରୁଷ ସ୍ୱୟଂ ପୁରୁଷୋତ୍ତମ ଶ୍ରୀକ୍ଷେତ୍ରରେ ବିରାଜମାନ। ସେ ହିଁ ପରଂବ୍ରହ୍ମ। ଏହି କୃପାସିନ୍ଧୁ ପୁରୁଷୋତ୍ତମ ହିଁ ଆମର ଶ୍ରୀଜଗନ୍ନାଥ।

ହେଲେ ସଂସ୍କୃତ ବୃହଦ୍ ନାରଦୀୟ ପୁରାଣରେ ଏହାକୁ ପୁରୁଷୋତ୍ତମ ମାସ ବୋଲି ଦର୍ଶାଯାଇ ଏହାର ମହାତ୍ମ୍ୟ ବର୍ଣ୍ଣନା କରାଯାଇଅଛି। ଏହି ସମୟକୁ ଅଶୁଦ୍ଧ କାଳ ବୋଲି ଅନେକେ କହିଥାନ୍ତି। ବିଶେଷକରି ଆଷାଢ଼ ମାସ ମଳମାସ ହେଲେ ବା ଦୁଇଟି ଆଷାଢ଼ ମାସ ପଡ଼ିଲେ, ତାହା ଅଶୁଭ ବୋଲି ସଂସ୍କୃତ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ରହିଛି। ଏହି ମାସକୁ ପବିତ୍ର କରିବା ପାଇଁ ମହାପ୍ରଭୁ ଏକ ଦିବ୍ୟସ୍ଥଳକୁ ଗମନ କରିବାର ଶାସ୍ତ୍ରରେ ବର୍ଣ୍ଣନା ରହିଛି। ସେହି ଦିବ୍ୟସ୍ଥଳରେ ସେ ମଙ୍ଗଳକାରକ ହୋଇଥିବାରୁ ମହାପ୍ରଭୁଙ୍କୁ ସର୍ବ ମଙ୍ଗଳ କୁହାଯାଏ ବୋଲି ବୃହଦ୍ ନାରଦୀୟ ପୁରାଣରେ ବ୍ୟାଖ୍ୟା କରାଯାଇଛି। ମଳମାସକୁ ଦେଇଥିବା କଥା ଅନୁଯାୟୀ ଦାରୁବ୍ରହ୍ମ ହିଁ ସମସ୍ତ ମଳକୁ ପାବନ କରିବା ପାଇଁ ନିତ୍ୟ ଗୋଲକକୁ ଗମନ କରନ୍ତି। ଏହି ଗମନ ଲୀଳାକୁ ଶ୍ରୀଜଗନ୍ନାଥଙ୍କ ଉପାସନାର ନବକଳେବର ଲୀଳା କୁହାଯାଉଛି। ଏଣୁ ଏହି ପୁରାଣ ମତରେ ମଳ ମାସକୁ ଅମୃତ ମାସରେ ପରିଣତ କରିବା ପାଇଁ ମହାପ୍ରଭୁ ଅପ୍ରକଟ ଲୀଳା କରିଛନ୍ତି।

ମଳମାସ ବା ଅଧିକ ମାସ ଆରମ୍ଭ ହୁଏ, ସଂପୃକ୍ତ ସାଧାରଣ ମାସ ଅମାବାସ୍ୟାର ପରଦିନ, ଅର୍ଥାତ୍ ଶୁକ୍ଳ ପକ୍ଷ ପ୍ରତିପଦରୁ। ଏଣୁ ମଳ ମାସରେ ଶୁକ୍ଳ ପକ୍ଷ ଏକାଦଶୀ ହେଉଛି ପୁରୁଷୋତ୍ତମ ମାସର ପ୍ରଥମ ଏକାଦଶୀ ଯାହାର ନାମ 'ପଦ୍ମିନୀ ଏକାଦଶୀ'। ପୁରୁଷୋତ୍ତମ ମାସର ଶୁକ୍ଳ ଏକାଦଶୀ ପଦ୍ମିନୀ ଏକାଦଶୀ ନାମରେ ପ୍ରସିଦ୍ଧ। ମହାପ୍ରଭୁ ପୁରୁଷୋତ୍ତମଙ୍କ ନାମରେ ମଳମାସ ପଡୁଥିବାରୁ ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ହେତୁ ସେ ମଧ୍ୟ ପୁରୁଷୋତ୍ତମ ନାମରେ ଏହି ମଳମାସର ଅଧିପତି ହୋଇଥାନ୍ତି। 'କାଠକ ଗୋହ୍ୟ ପରିଶିଷ୍ଟ' ଉଲ୍ଲେଖ ରହିଛି 'ପ୍ରବୃତଂ ମଳମାସାତ୍ ପ୍ରାକ୍ ଯତ୍ କର୍ମନ୍ ସମାପିତମ୍। ଆଗତେ ମଳମାସେଽପି ତତ୍ ସମାପ୍ୟମସଂଶୟନ୍।'ଭଗବାନ ଶ୍ରୀଜଗନ୍ନାଥଙ୍କ ମଳମାସ ଆମ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରୁ ଓ ସମସ୍ତଙ୍କର ଅଭିଷ୍ଟ ସିଦ୍ଧି ପ୍ରାପ୍ତ ହେଉ। ପୁରୁଷୋତ୍ତମ ମାସ ଶୁକ୍ଳପକ୍ଷର କାମଦା ଏକାଦଶୀରେ ଭଗବାନ ଶ୍ରୀପୁରୁଷୋତ୍ତମଙ୍କ ପୂଜା ହୋଇଥାଏ। ସର୍ବପାପ ମୁକ୍ତ ହୋଇ ମୋକ୍ଷ ଲାଭ ହୋଇଥାଏ। ଏହି ବ୍ରତ କଥାର ପଠନ ଓ ଶ୍ରବଣରେ ନିଜକୁ ଧନ୍ୟ ମନେକରି ନିଜ ଇଷ୍ଟଙ୍କ ପାଖରେ ସମର୍ପଣ ପୂର୍ବକ ଆତ୍ମନିବଦେନ କରିଥାନ୍ତି।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର,
କଟକ, ଦୂରଭାଷ : ୯୪୩୭୧୦୩୧୨୫୩

## ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡିଆ ଅସ୍ମିତାର ଐତିହାସିକ ବିଜୟ

ସନାତନ ସଂସ୍କୃତି, ପ୍ରାଚୀନ ଧାର୍ମିକ ପରମ୍ପରା ଏବଂ ଆଧ୍ୟାତ୍ମିକ ଚେତନାର ବିସ୍ତୃତ ପରିସର ମଧ୍ୟରେ ଐତିହ୍ୟର ଶୁଦ୍ଧତା ଏବଂ ଶାସ୍ତ୍ରୀୟ ମାନ୍ୟତାର ସ୍ଥାନ ସବୁବେଳେ ଅତି ସ୍ୱତନ୍ତ୍ର, ସମ୍ବେଦନଶୀଳ ତଥା ଅପରିବର୍ତ୍ତନୀୟ ହୋଇ ରହିଆସିଛି ଏବଂ ଶତାବ୍ଦୀ ଶତାବ୍ଦୀ ଧରି ଜନମାନସରେ ପ୍ରତିଷ୍ଠିତ ଥିବା ଆସ୍ଥା ଓ ବିଶ୍ୱାସକୁ ସମ୍ମାନ ଜଣାଇବା ସହ ତାହାର ମୂଳ ସ୍ୱରପକୁ ଅକ୍ଷୁର୍ଣ୍ଣ ରଖିବା ପ୍ରତିଟି ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ନେତୃତ୍ୱର ପରମ କର୍ତ୍ତବ୍ୟ ଅଟେ। ଏହି ପରିପ୍ରେକ୍ଷୀରେ, ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ପ୍ରସିଦ୍ଧ ପର୍ଯ୍ୟଟନ ସହର ଦୀଘାଠାରେ ନିର୍ମିତ ନୂତନ ଭବ୍ୟ ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ପୂର୍ବରୁ ସେହି ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟବହୃତ ହେଉଥିବା 'ଧାମ' ଶବ୍ଦର ପ୍ରୟୋଗକୁ ସମ୍ପୂର୍ଣ୍ଣ ଭାବରେ ହଟାଇବା କିମ୍ବା ଏହାକୁ କେବଳ ଏକ ସାଧାରଣ ମନ୍ଦିର ଆଖ୍ୟାରେ ସୀମିତ କରିବା ପାଇଁ ପଶ୍ଚିମବଙ୍ଗ ସରକାର ଯେଉଁ ନିଷ୍ପତି ନେଇଛନ୍ତି, ତାହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ଏବଂ ପ୍ରଶଂସନୀୟ ପଦକ୍ଷେପ, ମାତ୍ର ଏହି ସମଗ୍ର ସଫଳତା ଏବଂ ସଂଶୋଧନମୂଳକ ନିଷ୍ପତି ପଛରେ ଯଦି କାହାର ଦୃଢ ଆଭିମୁଖ୍ୟ, ଅଦମ୍ୟ ସାହସ ଏବଂ ସାଂସ୍କୃତିକ ପ୍ରତିବଦ୍ଧତା ରହିଛି, ସେ ହେଉଛନ୍ତି ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ନିଜର ଭୁଲ୍ ସ୍ୱୀକାର କରି ଏହି ଐତିହାସିକ ସଂଶୋଧନ କରିବା ପ୍ରଶଂସନୀୟ ହୋଇପାରେ, କିନ୍ତୁ ଏହି ପ୍ରସଙ୍ଗକୁ ଉଚ୍ଚ ପ୍ରଶାସନିକ ଏବଂ କୂଟନୈତିକ ସ୍ତରରେ ଉଠାଇ କୋଟି କୋଟି ଓଡିଆ ଓ ଜଗନ୍ନାଥ ଭକ୍ତଙ୍କ ଆହତ ଭାବନାକୁ ପଡୋଶୀ ରାଜ୍ୟର ସର୍ବୋଚ୍ଚ ନେତୃତ୍ୱ ନିକଟରେ ଅତି ସ୍ପଷ୍ଟ ଭାବେ ପହଂଚାଇବାର ସମସ୍ତ ଶ୍ରେୟ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହିଁ ପ୍ରଦାନ କରାଯିବ ଉଚିତ। ପଶ୍ଚିମବଙ୍ଗର ଦୀଘାଠାରେ ପୁରୀର ପବିତ୍ର ଶ୍ରୀମନ୍ଦିର ଶୈଳୀରେ ଏକ ବିଶାଳ ଏବଂ ସୁଦୃଶ୍ୟ ମନ୍ଦିର ନିର୍ମାଣ କରିବା ନିଶ୍ଚିତ ଭାବେ ସେହି ରାଜ୍ୟର ଜଗନ୍ନାଥ ଅନୁରାଗୀ ଜନସାଧାରଣଙ୍କ ପାଇଁ ଏକ ଭକ୍ତିପୂର୍ଣ୍ଣ ପଦକ୍ଷେପ ଥିଲା, ଯାହା ଶ୍ରଦ୍ଧାଳୁମାନଙ୍କ ମନରେ ଆଧ୍ୟାତ୍ମିକ ଆନନ୍ଦ ସୃଷ୍ଟି କରିଥିଲା, ମାତ୍ର ସରକାରୀ ସ୍ତରରେ ଏବଂ ବିଭିନ୍ନ ବିଜ୍ଞାପନ, ସାଇନବୋର୍ଡ ତଥା ପର୍ଯ୍ୟଟନ ପ୍ରଚାର ପ୍ରସାର ମାଧ୍ୟମରେ ଏହାକୁ 'ଦୀଘା ଜଗନ୍ନାଥ ଧାମ' ଭାବେ ପ୍ରୋଜେକ୍ଟ କରାଯିବା ପରେ ଓଡିଶା ସମେତ ସମଗ୍ର ବିଶ୍ୱରେ ଥିବା ଜଗନ୍ନାଥ ସଂସ୍କୃତିର ଗବେଷକ, ପ୍ରତିଷ୍ଠିତ ସେବାୟତ ମଣ୍ଡଳୀ, ମୁକ୍ତିମଣ୍ଡପର ପଣ୍ଡିତ ସମାଜ ଏଂବ ସନାତନ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ତଥା ଅସନ୍ତୋଷ ପ୍ରକାଶ ପାଇଥିଲା। ଶାସ୍ତ୍ର, ପୁରାଣ ଏବଂ ସନାତନ ଧର୍ମର ପ୍ରାଚୀନ ପରମ୍ପରା ଓ ନିୟମ ଅନୁଯାୟୀ, ସମଗ୍ର ଭାରତବର୍ଷର ଚାରି ଦିଗରେ ମାତ୍ର ଚାରିଗୋଟି ମୁଖ୍ୟ ପବିତ୍ର 'ଧାମ' ପ୍ରତିଷ୍ଠିତ ରହିଛି, ଯାହା ମଧ୍ୟରେ ଉତରରେ ବଦ୍ରିନାଥ, ପଶ୍ଚିମରେ ଦ୍ୱାରକା, ଦକ୍ଷିଣରେ ରାମେଶ୍ୱରମ ଏବଂ ପୂର୍ବ ଦିଗର ସର୍ବୋଚ୍ଚ ପ୍ରତିନିଧିତ୍ୱ କରୁଥିବା ପବିତ୍ର ନୀଳାଚଳ କ୍ଷେତ୍ର ବା ପୁରୀ ହେଉଛି ଏକମାତ୍ର ସାର୍ବଭୌମ 'ଜଗନ୍ନାଥ ଧାମ' ବା ଶ୍ରୀକ୍ଷେତ୍ର, ଯାହାକୁ ଆଦି ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମେତ ବିଭିନ୍ନ ପୁରାଣ ଓ ସଂହିତା ଦ୍ୱାରା ଅନାଦି କାଳରୁ ସାଂସ୍କୃତିକ ଓ ଆଧ୍ୟାତ୍ମିକ ସ୍ୱୀକୃତି ମିଳିଛି। ପୃଥିବୀର ଯେକୌଣସି ପ୍ରାନ୍ତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ଭକ୍ତି ଓ ଶ୍ରଦ୍ଧାର କେନ୍ଦ୍ର ସ୍ଥାପନ କରାଯାଇପାରେ, କିନ୍ତୁ ପୁରୀ ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ଅନନ୍ୟତା, ଗୁପ୍ତ ନୀତିକାନ୍ତି, ମହାପ୍ରସାଦର ମାହାତ୍ମ୍ୟ, ନବକଳେବର ପରମ୍ପରା ଏବଂ ସର୍ବୋପରି ଏବଂ ସର୍ବୋପରି 'ଧାମ'ର ଶାସ୍ତ୍ରୀୟ ମାନ୍ୟତା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ଅପରିବର୍ତ୍ତନୀୟ ହୋଇଥିବାରୁ ଅନ୍ୟ କୌଣସି ନୂତନ ନିର୍ମିତ କୃତ୍ରିମ ସ୍ଥାନକୁ ଏହି ଆଖ୍ୟା ଦିଆଯିବା ଜଗନ୍ନାଥ ମୂଳ ଉତ୍ସ ଉପରେ ଏକ ପ୍ରକାର ଆଘାତ ଭଳି ମନେହେଉଥିଲା। ଏହି ଧାର୍ମିକ ଓ ସାଂସ୍କୃତିକ ସମ୍ବେଦନଶୀଳତାକୁ ସାଧାରଣରେ ବୁଝିବା ଏବଂ ଓଡିଶାର ଜଗନ୍ନାଥ ପ୍ରେମୀଙ୍କ ଭାବନାକୁ କ୍ଷତବିକ୍ଷତ ନକରି ସେହି ଅନୁଯାୟୀ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ରାଜନୈତିକ ପରିପକ୍ୱତା, ପ୍ରଶାସନିକ ଦକ୍ଷତା ଏବଂ ଓଡିଆ ଅସ୍ମିତା ପ୍ରତି ଥିବା ନିଜର ଅପୂର୍ବ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି, ତାହା ବାସ୍ତବିକ ସମଗ୍ର ଓଡିଶା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ। ରାଜନୀତିରେ ଅନେକ ସମୟରେ ବିଭିନ୍ନ ରାଜ୍ୟର ନେତୃତ୍ୱ ନିଜର ଅହଂକାର କିମ୍ବା ଆଂଚଳିକ ସ୍ୱାଭିମାନର ଦ୍ୱାହି ଦେଇ ଭୁଲ୍ ନିଷ୍ପତିକୁ ଜାବୁଡି ଧରିବାର ବା ଏକଜିଦିଆ ମନୋଭାବ ପ୍ରଦର୍ଶନ କରିବାର ପ୍ରବୃତି ଦେଖାଯାଇଥାଏ, କିନ୍ତୁ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଯୁକ୍ତିଯୁକ୍ତ, ଶାସ୍ତ୍ରସମ୍ମତ ତଥା ଦୃଢ ହସ୍ତକ୍ଷେପ ଯୋଗୁଁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଧ୍ୟ ଓଡିଶାର ଦାବିକୁ ସହୃଦୟତାର ସହ ଗ୍ରହଣ କରିବାକୁ ବାଧ୍ୟ ହେଲେ ଏବଂ 'ଧାମ' ଶବ୍ଦର ସରକାରୀ ବ୍ୟବହାରକୁ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦେଇ ନିଜର ବିଜ୍ଞତାର ପରିଚୟ ଦେଲେ। ଓଡିଶାରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନୂତନ ସରକାର ଗଠନ ହେବା ଦିନଠାରୁ ହିଁ 'ଓଡିଆ ଅସ୍ମିତା' ଏବଂ 'ଜଗନ୍ନାଥ ସଂସ୍କୃତି'ର ସୁରକ୍ଷାକୁ ଶାସନର ମୂଳ ମନ୍ତ୍ର ଓ ପ୍ରାଥମିକତା ଭାବେ ଘୋଷଣା କରାଯାଇଛି ଏବଂ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି ଯେ ଓଡିଶାର ସ୍ୱାଭିମାନ ଓ ମହାପ୍ରଭୁଙ୍କ ମର୍ଯ୍ୟାଦା ସହ କୌଣସି ସ୍ଥିତିରେ ବି ସାଲିସ୍ କରାଯିବ ନାହିଁ। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ମୋହନ ଚରଣ ମାଝୀ ଜଣେ ପ୍ରକୃତ ଜଗନ୍ନାଥ ଅନୁରାଗୀ ଓ ଓଡିଆ ମାଟିର ସନ୍ତାନ ଭାବରେ ପ୍ରଦର୍ଶନ କରିଥିବା ଏହି ଦୃଢତା ସମଗ୍ର ଓଡିଶାବାସୀଙ୍କ ମନରେ ଏକ ଅଭୁତପୂର୍ବ ଆତ୍ମବିଶ୍ୱାସ ଜଗାଇଛି, କାରଣ ସେ କେବଳ ଓଡିଶା ଭିତରେ ସୀମିତ ନରହି ଜାତୀୟ ସ୍ତରରେ ମଧ୍ୟ ଓଡିଶାର ସାଂସ୍କୃତିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ। ଜଣେ ଉଚ୍ଚକୋଟିର ପ୍ରଶାସକ ତଥା ଦୂରଦୃଷ୍ଟି ସମ୍ପନ୍ନ ନେତା ଭାବରେ ସେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ କୌଣସି ଅଯଥା ରାଜନୈତିକ କଟୁତା କିମ୍ବା ପଡୋଶୀ ରାଜ୍ୟ ସହ ସମ୍ପର୍କ ଖରାପ କରିବାକୁ ଚାହୁଁନଥିଲେ ବରଂ ସେ ପଶ୍ଚିମବଙ୍ଗ ସରକାରଙ୍କ ସହ ଅତ୍ୟନ୍ତ ସମ୍ମାନଜନକ, ସହାର୍ଦ୍ଦ୍ୟପୂର୍ଣ୍ଣ ଏବଂ କୂଟନୈତିକ ସ୍ତରରେ ଆଲୋଚନା କରି ଶାସ୍ତ୍ରୀୟ ପ୍ରମାଣ ସହ ପୁରୀ ଶ୍ରୀକ୍ଷେତ୍ରର ଅନନ୍ୟତା ବିଷୟରେ ପଡୋଶୀ ରାଜ୍ୟକୁ ଅବଗତ କରାଇବାରେ ସଫଳ ହେଲେ। ଓଡିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଐତିହାସିକ ସମ୍ପର୍କ ଶତାବ୍ଦୀ ଶତାବ୍ଦୀର ପୁରୁଣା ଏବଂ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସମୟରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବଙ୍ଗୀୟ ଶ୍ରଦ୍ଧାଳୁମାନଙ୍କ ଜୀବନଚର୍ଯ୍ୟା, ସାହିତ୍ୟ, କଳା ଓ ଭକ୍ତିଭାବରେ ଜଗନ୍ନାଥ ସଂସ୍କୃତି ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଜଡିତ ହେବା ସହ ପ୍ରତିବର୍ଷ ଲକ୍ଷ ଲକ୍ଷ ବଙ୍ଗୀୟ ଭକ୍ତ ଆବେଗର ସହ ପୁରୀ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଥାନ୍ତି, ତେଣୁ ଦୀଘାଠାରେ ନିର୍ମିତ ଭବ୍ୟ ମନ୍ଦିର ନିଶ୍ଚିତ ଭାବେ ପଶ୍ଚିମବଙ୍ଗରେ ଜଗନ୍ନାଥ ଚେତନାର ଆହୁରି ଅଧିକ ବିସ୍ତାର କରିବ ଏବଂ ଭକ୍ତିର ଏକ ନୂତନ ପରିବେଶ ସୃଷ୍ଟି କରିବ, ମାତ୍ର ଯଦି 'ଧାମ' ଶବ୍ଦର ବ୍ୟବହାରକୁ ନେଇ ବିବାଦ ଓ ଅସନ୍ତୋଷ ଦୀର୍ଘସ୍ଥାୟୀ ରୂପ ନେଇଥାନ୍ତା, ତେବେ ତାହା ଦୁଇ ପଡୋଶୀ ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ଏକ ଅଯଥା ସାଂସ୍କୃତିକ ପ୍ରତିଦ୍ୱନ୍ଦିତାର ପ୍ରାଚୀର ଠିଆ କରିବାର ଆଶଙ୍କା ରହିଥିଲା। ଓଡିଶା ମୁଖ୍ୟମନ୍ତ୍ରୀଙ୍କ ସମୟୋଚିତ ଏବଂ ପ୍ରଭାବଶାଳୀ ହସ୍ତକ୍ଷେପ ସେହି ସମ୍ଭାବ୍ୟ ବିବାଦର ସୂତ୍ରପାତକୁ ଆରମ୍ଭରୁ ହିଁ ପ୍ରଶମିତ କରିଦେଇଛି ଏବଂ ସାଂସ୍କୃତିକ ସୌହାର୍ଦ୍ଦ୍ୟର ଏକ ନୂଆ ଅଧ୍ୟାୟ ରଚନା କରିଛି, ଯାହା ପ୍ରମାଣିତ କରୁଛି ଯେ ଆଧ୍ୟାତ୍ମିକତା କେବେ ବି ପ୍ରତିଯୋଗିତାର ବିଷୟ ନୁହେଁ, ବରଂ ଏହା ସମର୍ପଣ, ସହଭାଗିତା ଏବଂ ପାରସ୍ପରିକ ସମ୍ମାନର ଏକ ମହାମିଳନ ପୀଠ।

# ନିଷ୍ପ୍ରଭ ହେଉଛି ସାମୁଦ୍ରିକ ପ୍ରାଣୀ ମାନଙ୍କର ଧ୍ୱନୀ

### ନାରାୟଣ ଚନ୍ଦ୍ର ବିଶ୍ୱାଳ

କଥାବାର୍ତ୍ତା ବା ଭାବର ଆଦାନ ପ୍ରଦାନ ଆବହମାନ ସମୟରୁ ରହିଆସିଛି। ଏ ସୃଷ୍ଟିର ବଡ଼ ବୈଚିତ୍ରତା ହେଉଛି ମଣିଷ ଠାରୁ ଜୀବ ଜଗତ, କୀଟପତଙ୍ଗ ସମସ୍ତଙ୍କର ଏହି ଧ୍ୱନୀ ପ୍ରକରଣ ଯେତିକି ରହସ୍ୟମୟ ସେତିକି ଆଶ୍ଚର୍ଯ୍ୟଜନକ। ଆପଣ ଗାଁ ଗଣ୍ଡାର କଥାଟିକେ ମନେ ପକାନ୍ତୁ, ଖରାଦିନେ ବାଉଁଶ ବାଡ଼ି ଆଡ଼େ ଅନେକ 'କଡ଼ କଡ଼' ଧ୍ୱନୀ ଶୁଣନ୍ତି। ସେହିପରି ଅନେକ ପବନ ସୁ ସୁ ଶବ୍ଦରେ ଆସିଲା ବୋଲି ନିଜ ଅନୁଭୂତିରୁ କହିଥାନ୍ତି। ପଶୁମାନଙ୍କ ଭିତରେ ବିଶେଷକରି ଗୋରୁଗାଈଙ୍କ ହମ୍ବାଳ, କୁକୁରର ଚିତ୍କାର ଓ ବେଳେ ବେଳେ ଲମ୍ବା କାନ୍ଦଣା, ବିଲୁଆଙ୍କ ହୁକେ ହୁ, କୋଇଲିର କୁହୁତାନ, ଘୋଡ଼ାର ରାବ ଏପରି ଅନେକ ଧ୍ୱନୀର ବାସ୍ତବିକ ବ୍ୟବସ୍ଥା ଆମେ ସବୁ ଅନୁଭବ କରିଥାଉ। ଏ ଦୁନିଆରେ ସମସ୍ତେ କହିବା ପାଇଁ, ଦେଖିବା ପାଇଁ ଠାରୁ ବେଶି ଶୁଣିବା ପାଇଁ ଚାହାଁନ୍ତି। ଆଉ ଭାବ ଆଦାନପ୍ରଦାନ ହେଉଛି ମଣିଷର ସହଜାତ ଗୁଣ, ପ୍ରକୃତି ଓ ପ୍ରବୃତ୍ତି। ତେବେ ବର୍ତ୍ତମାନର କିଛି ଅସ୍ୱାଭାବିକ ବିଲକ୍ଷଣ ଏହି ଧ୍ୱନୀର ତରଙ୍ଗକୁ ନିଷ୍ପ୍ରଭ କରିବାକୁ ଯାଉଛି।

ବର୍ତ୍ତମାନ ସମଗ୍ର ବିଶ୍ୱରେ ହର୍ମୋଜ ପ୍ରଣାଳୀରେ ସାମୁଦ୍ରିକ ଉତ୍ତେଜନା ଓ ସମଗ୍ର ସମୁଦ୍ରାଞ୍ଚଳ ଯେଉଁପରି ବିପଦଜ୍ଜନକ ହୋଇପଡ଼ିଛି ତାହା ପରିବେଶ ବିଜ୍ଞାନୀ ମାନଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। କିଛି ଦିନ ଥଣ୍ଡା ପଡ଼ିଯାଇଥିବା ପରେ ପୁନର୍ବାର ଆମେରିକା-ଇରାନ-ଇସ୍ରାଏଲ ସାମରିକ ଯୁଦ୍ଧରେ ସବୁଠାରୁ ବଡ଼ କଷ୍ଟକୁ ସାମ୍ନା କରୁଛନ୍ତି ଶାନ୍ତ, ସରଳ ଓ ନିରୀହ, ମୁକ ଡଲଫିନ୍ ଓ ସାମୁଦ୍ରିକ ଜୀବ ମାନେ । ଦିନ ଥିଲା ତିମି ମାନଙ୍କ ସଂଗୀତ ଓ ବିଶାଳକାୟ ଡଲଫିନ୍‌ର ଏକ ପ୍ରକାର ସୁସୁରି ଶବ୍ଦରେ ପୁରି ଉଠୁଥିଲା ସମୁଦ୍ରର ବିସ୍ତୃତ ଅଞ୍ଚଳ। ଦିଗନ୍ତ ବିସ୍ତାରୀ ପର୍ଯ୍ୟନ୍ତ ଏହା ଏକ ସୁମଧୁର ସଂଗୀତ ପରି ଅନେକଙ୍କୁ ଶୁଭିଥାଏ। ବର୍ତ୍ତମାନ ଆମ ମାନଙ୍କ ତିଆରି ମେସିନରୁ ଅବିରାମ କର୍କଶ ଧ୍ୱନି ନିର୍ଗତ ହୋଇ ସେମାନଙ୍କ ସ୍ୱର ଲହରିକୁ ଏକ ପ୍ରକାର ଅଥଳ ଜଳରେ ହଜାଇ ଦେଇଛି। ସାମୁଦ୍ରିକ ପରିସଂସ୍ଥାନ ପ୍ରତି ଭୟାବହ ବିପଦ ହୋଇ ବୃଦ୍ଧି ପାଉଛି ସାଗର ଶବ୍ଦ ପ୍ରଦୂଷଣ। ବିଶେଷଜ୍ଞ ମାନଙ୍କ ଗବେଷଣାର ତଥ୍ୟ ଯାହା ଉଲ୍ଲେଖ କରିଛି ସାଗର ଶବ୍ଦ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବାଣିଜ୍ୟିକ ଜାହାଜ। ଏବେ ପୃଥିବୀର ବିଭିନ୍ନ ସମୁଦ୍ର ଅଞ୍ଚଳରେ ୨୫୦୦୦ରୁ ଉର୍ଦ୍ଧ୍ୱ ଅଧିକ ସଂଖ୍ୟକ ଜାହାଜ ଆତଯାତ କରୁଛି। ସେମାନଙ୍କ ଇଞ୍ଜିନ ପଙ୍ଖାରୁ ନିରନ୍ତର କର୍କଶ ଶବ୍ଦ ଅଥଳ ଜଳରାଶିକୁ ଗତି କରୁଛି। କେବଳ ବାଣିଜ୍ୟିକ ଜାହାଜ ନୁହେଁ ବିଶାଳକାୟ ସାମରିକ ଜାହାଜ ବା ଯୁଦ୍ଧପୋତ ଏପରିକି ବିଳାସକାରୀଙ୍କ ପାଇଁ ଯେଉଁ କ୍ରୁଜ୍ ସବୁ ସମୁଦ୍ରରେ ଆତଯାତ ହେଉଛି ସେ ସବୁ ସାମୁଦ୍ରିକ ପରିସଂସ୍ଥାର ବିପଦକୁ ଆହୁରି ସଂଗୀନ କରୁଛି। ଭୟାନକ ଚିତ୍ରଟି ହେଉଛି ସଦ୍ୟ ହର୍ମୋଜ ପ୍ରଣାଳୀକୁ ନିଜ ଦଖଲରେ ରଖିବା ପାଇଁ ଇରାନ ଦ୍ୱାରା ହଜାର ହଜାର ସାମୁଦ୍ରିକ ମାଇନ୍ସ ବିଛା ଯାଇଛି ଯାହାର ସଂସ୍ପର୍ଶରେ ଆସିବା ମାତ୍ରେ ଯୁଦ୍ଧପୋତ ଗୁଡ଼ିକ ଅଚିରେ ଧ୍ୱଂସ ହୋଇଯିବ। ଆମେ ଭଲ ଭାବେ ଜାଣିଛେ ଆମ ବିଶ୍ୱର ଅଧାରୁ ଅର୍ଦ୍ଧେକ ଭାଗ ଜଳକୁ ନେଇ ଗଠିତ। ସାଗର ଭିତରେ ତୈଳ ଓ ପ୍ରାକୃତିକ ବାଷ୍ପ ସଧାନ କରିବା ପାଇଁ ବିଶ୍ୱର ବଡ଼ ଶକ୍ତି କୁହାଯାଉଥିବା ଆମେରିକା, ଋଷ, ଚାଇନା ସେମାନଙ୍କର ବିଶାଳକାୟ ସାଇଜମିକ୍ ଏୟାର ଗନ୍ କ୍ଷଣକୁ କ୍ଷଣ ଶକ୍ତିଶାଳୀ ବିସ୍ଫୋରଣ ଘଟାଉଛନ୍ତି। ସେହିପରି ସେନାବାହିନୀ ନିମିତ୍ତ ଆବଶ୍ୟକ ପଡୁଥିବା ନେଭଲ ସୋନାର, ବନ୍ଦର ଓ ପବନ କଳ ନିମନ୍ତେ ସ୍ତମ୍ଭ ଉଠାଇବା ଲାଗି ସମୁଦ୍ରରେ କରାଯାଇଥିବା ଖୋଦନ ଓ ମାଛ ଧରା ଜାହାଜରୁ ନିର୍ଗତ ଶବ୍ଦ ମଧ୍ୟ ସାଗର ଧ୍ୱନୀ ପ୍ରଦୂଷିତ କରୁଛି। ଦିନକୁ ଦିନ ଲକ୍ଷ ଲକ୍ଷ ମାଛଧରା ଛୋଟ ବଡ଼ ଜାହାଜ ଓ ଡଙ୍ଗା ଯେଉଁପରି ଭାବରେ ରାସାୟନିକ ପ୍ରସ୍ତୁତି ସହ ସମୁଦ୍ରରେ ଆତଯାତ ହେଉଛନ୍ତି ଏହା ସାଗରର ଶବ୍ଦ ପ୍ରଦୂଷଣ ନୁହଁ ଅଥଳ ଜଳରାଶିକୁ ମଧ୍ୟ ବିଷାକ୍ତ କରିଦେଉଛନ୍ତି।

ସମଗ୍ର ବିଶ୍ୱରେ ବାଣିଜ୍ୟ କ୍ଷେତ୍ର ପାଇଁ ସାମୁଦ୍ରିକ ପଥ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ବ୍ୟବସାୟ ପାଇଁ ଅଳ୍ପ ଖର୍ଚ୍ଚ ହୋଇଥାଏ। ତେବେ ଏହି ବାଣିଜ୍ୟ ବୃଦ୍ଧି ହେତୁ ସମୁଦ୍ରରେ ଦିନକୁ ଦିନ ଆହୁରି ବଡ଼ ବଡ଼ ଓ ଦ୍ରୁତଗାମୀ ଜାହାଜ ସବୁ ଚଳାଚଳ କରୁଛନ୍ତି। ତେଣୁ କରି ୧୯୬୦ ଦଶକକୁ ଦେଖିଲେ ବର୍ତ୍ତମାନ ସମୟରେ କେତେକ ଅଞ୍ଚଳରେ ସାମୁଦ୍ରିକ ଶବ୍ଦ ପ୍ରଦୂଷଣ ପ୍ରତି ଦଶନ୍ଧିରେ ଦୁଇ ଗୁଣିତ ନୁହେଁ ବରଂ ବହୁ ଗୁଣିତ ହୋଇ ଆସୁଛି। ଆମ ପାଖରେ ଥିବା ଭାରତ ମହାସାଗର କଥା ଆସନ୍ତୁ ପ୍ରଥମେ ବିଚାରିବା। ଏହି ମହାସାଗରରେ ଭେଳା ଭେଳା ଜାହାଜ ଗମନା ଗମନ ଯୋଗୁଁ ସାଗରର ଶବ୍ଦ ପ୍ରଦୂଷଣ ସମସ୍ୟା ଉତ୍କଟ ହେଉଛି। ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ହେତୁ ଭାରତର ପଶ୍ଚିମ ଉପକୂଳରେ ମଧ୍ୟ ଶବ୍ଦ ପ୍ରଦୂଷଣ ମଧ୍ୟ ଖୁବ ବୃଦ୍ଧି ପାଉଛି। ଆମେ ସମସ୍ତେ ଭୁଲି ଯାଉଛେଯେ, ଏହି ଅଥଳ ଜଳ ଭିତରର ଅନ୍ଧକାର ଦୁନିଆରେ ସାମୁଦ୍ରିକ ଜୀବମାନେ ଧ୍ୱନି ଉପରେ ନିର୍ଭର କରି ଚଳନ୍ତି। ଶହ ଶହ କିଲୋମିଟର ଦୂରରେ ଥିବା ଅନ୍ୟ ତିମି ମାନଙ୍କ ସହିତ ଭାବ ଯୋଡ଼ିବା ଲାଗି ତିମି ମାନେ ନିମ୍ନ ସ୍ୱରରେ ଗୀତ ଗାଇ ଥାଆନ୍ତି। ଡଲଫିନ ମାନେ ଇକୋଲୋକେସନ ବା ନିଜେ ଛାଡୁଥିବା ଧ୍ୱନୀର ପ୍ରତିଧ୍ୱନୀ ଉପରେ ନିର୍ଭର କରି ଶିକାର ସନ୍ଧାନ କରନ୍ତି।

ବର୍ତ୍ତମାନ ଯେଉଁପରି ବିଶାଳକାୟ ମେସିନ ସବୁ ଆତଯାତ ହେଉଛି ଓ ସେମାନଙ୍କର ଧ୍ୱନୀ ଯୋଗୁଁ ସାମୁଦ୍ରିକ ପ୍ରାଣୀ ମାନଙ୍କର ଆବହମାନ ସମୟରୁ ରହି ଆସିଥିବା ଧ୍ୱନୀ ସତେଯେପରି ନିଷ୍ପ୍ରଭ ହୋଇଯାଉଛି। କେବଳ ସେମାନଙ୍କ ଦୁଃଖ ଏତିକିରେ ସରିନାହିଁ। ସାଥି ପାଇବା ହେଉ ବା ଖାଦ୍ୟ ସନ୍ଧାନ ଏପରିକି ବିପଦ ଏଡ଼ାଇବା ଏହି ନିରୀହ ସାମୁଦ୍ରିକ ଜୀବଙ୍କ ପକ୍ଷେ କଷ୍ଟକର ହୋଇଯାଉଛି। ସମସ୍ୟାଟି ଏତିକିରେ ସରୁନାହିଁ, ଶବ୍ଦ ପ୍ରଦୂଷଣ ଯୋଗୁଁ ସାମୁଦ୍ରିକ ଜୀବ ମାନଙ୍କ ମସ୍ତିଷ୍କ ବି ଭାରାକ୍ରାନ୍ତ ହେଉଛି। ସେମାନେ ସାମୟିକ ଅଥବା ସବୁଦିନ ପାଇଁ ସେମାନଙ୍କର ସ୍ମରଣ ଶକ୍ତି ହରାଉଛନ୍ତି। ଏହାସହ ସେମାନଙ୍କର ଦେଶାନ୍ତର ଯାତ୍ରା ଓ ଖାଦ୍ୟ ପାଇବାରେ ବଡ଼ ବ୍ୟାଘାତ ସୃଷ୍ଟି ହେଉଛି। ମେସିନ ଧ୍ୱନୀ ଯୋଗୁଁ ଭୟଭୀତ ହୋଇ ଜଳରୁ ବାହାରକୁ ଡିଆଁ ମାରିବା ଫଳରେ କେତେକ ଅସୁସ୍ଥତା ଭୋଗୁଛନ୍ତି, କିଛି ବେଳା ଭୂମିରେ ଫସି ଯାଉଛନ୍ତି ତ ଆଉ କେତେକଙ୍କ ଜୀବନ ଚାଲିଯାଉଛି। ପ୍ରମୁଖ ଜାହାଜ ଯାତାୟତ ମାର୍ଗ ହୋଇଥିବାରୁ ଭାରତ ମହାସାଗରରେ ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ତେଣୁ ଭାରତରେ ଥିବା ୭୫୦୦ କିଲୋମିଟର ସୁପ୍ରଶସ୍ତ ଉପକୂଳ ଅଚିରେ ସାଗର ଶବ୍ଦ ପ୍ରଦୂଷଣ କବଳିତ ହେବାର ଆଶଙ୍କା ଭିତରେ ରହୁଛି। ସାଗର ଶବ୍ଦ ପ୍ରଦୂଷଣ ଚିନ୍ତାଜନକ ହେଲେ ବି ନିରାକରଣର ବାଟ ରହିଛି। ଦ୍ରୁତ ଓ ବିଶାଳକାୟ ଜାହାଜ ଗୁଡ଼ିକ ବେଗ ହ୍ରାସ କଲେ ଶବ୍ଦ ପ୍ରଦୂଷଣ ଅନେକାଂଶରେ ହ୍ରାସ ପାଇବ। ଆଜିକାଲି ବୈଜ୍ଞାନିକ ପଦ୍ଧତିରେ ନୂତନ ଶୈଳୀରେ ନିର୍ମିତ ପଙ୍ଖା ଓ ଜାହାଜରେ ଦିଆଯାଉଥିବା ଆସ୍ତରଣ ଯୋଗୁଁ ବି ଶବ୍ଦ ପ୍ରଦୂଷଣ ହ୍ରାସ ପାଇପାରିବ। ତୈଳ ଓ ପ୍ରାକୃତିକ ବାଷ୍ପ ସନ୍ଧାନ ଏକ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଏହାକୁ କିଏ ମନା କରୁନାହିଁ କିନ୍ତୁ ଏହାର ଗମନ ପରିବର୍ତ୍ତେ କମ୍ପନ ଭିତ୍ତିକ ପଦ୍ଧତି ଅବଲମ୍ବନ କଲେ କମ ଶବ୍ଦ ହେବ। ଓଡ଼ିଶା କଥା ମଧ୍ୟ ଆଲୋଚନା ରଖୁଛୁ।

ବ୍ରହ୍ମପୁର, ପାରଦ୍ୱୀପ, ମହାକାଳପଡ଼ା ପରି ସମୁଦ୍ରକୁ ଲାଗିଥିବା ମୁହାଣ ଏବଂ ବିଭିନ୍ନ ନଦୀରେ ବଡ଼ ବଡ଼ ମାଛଧରା ଡଙ୍ଗା ବିଶେଷକରି ଚିଲିକାରେ ଯାତ୍ରୀବାହୀ ଡଙ୍ଗା ଓ ବଡ଼ ବଡ଼ ଭେଳା, ଯେଉଁଥିରେ ଉଚ୍ଚ କ୍ଷମତାସମ୍ପନ୍ନ ମୋଟର ଲାଗିଛି ଏହା ଜଳଜୀବଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଛି। ପ୍ରଥମତଃ ବୁକୁ ଚିରା କମ୍ପନ ଓ ଦ୍ୱିତୀୟତଃ ଯେଉଁପରି ବିଷାକ୍ତ ତେଲ ଓ ଆବର୍ଜନା ଜଳରାଶିକୁ ବିଷାକ୍ତ କରୁଛି ଏହା ପ୍ରାଣୀଜଗତର ଖାଦ୍ୟ ପାଇଁ ନୁହେଁ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ମଧ୍ୟ ବିଷାକ୍ତ ବୋଲି ଗବେଷକମାନଙ୍କର ମତ। ସେହିପରି ସ୍ପର୍ଶକାତର ଅଞ୍ଚଳଗୁଡ଼ିକ ଚିହ୍ନଟ କରି ନିଃଶବ୍ଦ ସାମୁଦ୍ରିକ ଜୋନ କରାଗଲେ ସାଗର ଶବ୍ଦ ପ୍ରଦୂଷଣ କିଛି ମାତ୍ରାରେ ହ୍ରାସ ପାଇବ। ଆମେ ମାନେ ନିଜର ଶ୍ରବଣ ଶକ୍ତି ହ୍ରାସ ପାଇଲେ କିପରି କଷ୍ଟ ଅନୁଭବ କରିଥାଉ ତାହା ଜଣେ ଅନୁଭବୀଙ୍କୁ ଜଣା। ତେଣୁ ଆମ ସମଗ୍ର ଜୀବ ମଣ୍ଡଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ଏହି ମୁକ ନିରୀହ ଜଳଚରଙ୍କ ଶବ୍ଦ ପ୍ରଦୂଷଣ କଥା ଆସନ୍ତୁ ଅନ୍ତତଃ ଟିକିଏ ତ ଚିନ୍ତା କରିବା!!

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ', କାଠଗୋଲା ରୋଡ୍, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦**

# ନେତା ନୀତି ଓ ନୈତିକତା

### ପ୍ରକାଶ ଚନ୍ଦ୍ର ମହାନ୍ତି

ନେତା, ନୀତି ଓ ନୈତିକତା ଗଣତନ୍ତ୍ର ରାଷ୍ଟ୍ରର ତିନୋଟି ସ୍ତମ୍ଭ। ଗଣତନ୍ତ୍ରରେ ଗଣ ପ୍ରତିନିଧିର ପ୍ରକୃତି କେବଳ ଭୋଟ୍ ଜିତିବା ନୁହେଁ ବରଂ ଲୋକଙ୍କ ଆଶା, ଆକାଂକ୍ଷା ଓ ସ୍ୱପ୍ନକୁ ସାକାର କରିବା। ଗଣତନ୍ତ୍ର ରାଷ୍ଟ୍ରରେ ଗଣପ୍ରତିନିଧି ଜନସେବକ ହୋଇଥାନ୍ତି । ଶାସକ ନୁହନ୍ତି। ତାଙ୍କର ପ୍ରକୃତି ସଚ୍ଚୋଟ, ବିଚାରବନ୍ତ , ଦୂରଦୃଷ୍ଟି ସମ୍ପନ୍ନ, ଆଇନ ପ୍ରତି ଶ୍ରଦ୍ଧାଳୁ ଏବଂ ସର୍ବୋପରି ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଭଳି ହେବା ଉଚିତ। ସେ କେବଳ ନିର୍ବାଚନ ସମୟରେ ନୁହେଁ ବରଂ ପ୍ରତିଟି କ୍ଷଣରେ ଜନସାଧାରଣଙ୍କ ପାଇଁ ସ୍ୱାର୍ଥତ୍ୟାଗର ଆଦର୍ଶ ହୋଇଥାନ୍ତି। ଗଣତନ୍ତ୍ରର ମୂଳ ଦର୍ଶନ ହେଉଛି ଶାସନର ବୈଧତା । ଲୋକଙ୍କ ସହିତ ରହି ଲୋକଙ୍କ ସମ୍ମତିରେ କାର୍ଯ୍ୟ କରିବା । ସେଥିପାଇଁ ନେତାଙ୍କର ନୀତି ଓ ନୈତିକତା ଅନିବାର୍ଯ୍ୟ।

ନେତା ସେହି ବ୍ୟକ୍ତି ଯିଏ ଏକ ଦିଗ ଦେଖାଏ । ଅନ୍ୟମାନଙ୍କୁ ପ୍ରେରଣା ଦିଏ । ବିପଦରେ ସାହସ ଦିଏ ଏବଂ ସମାଜର ସର୍ବାଧିକ ଦୁର୍ବଳ ବ୍ୟକ୍ତି ପାଇଁ ମଧ୍ୟ ଠିଆ ହୋଇପାରେ। ନେତା କେବଳ ପଦବୀ ନୁହେଁ; ସେ ଏକ ଆଦର୍ଶ । ସତ୍ୟନିଷ୍ଠା, ଅନୁଶାସନ, ସହାନୁଭୂତି, ପାରଦର୍ଶିତା, ସ୍ୱାର୍ଥପରତ୍ୟାଗ, ଆତ୍ମସମର୍ପଣ ଓ ଜନହିତରେ ନିଜକୁ ସମର୍ପଣ କରିବା ତାହାର ଲକ୍ଷଣ ହେବା ଦରକାର । ପ୍ରକୃତ ନେତା କେବେ ନିଜର ଉନ୍ନତି ପାଇଁ ଲୋକଙ୍କୁ ବ୍ୟବହାର କରେନି । ବରଂ ଲୋକଙ୍କ ଉନ୍ନତି ପାଇଁ ନିଜକୁ ବ୍ୟବହାର କରେ। ଏହି ଗୁଣଗୁଡ଼ିକ ବିନା ନେତା କେବଳ ଏକ ପଦାଧିକାରୀ ମାତ୍ର। ନେତୃତ୍ୱର ପ୍ରକୃତ ପରୀକ୍ଷା ହୁଏ ସଙ୍କଟ ବେଳେ । ଯେତେବେଳେ ଲୋକେ ଦ୍ୱନ୍ଦ୍ୱରେ ଥାଆନ୍ତି । ସମସ୍ୟାରେ ଥାଆନ୍ତି । ସେତେବେଳେ ନେତା କିପରି ନିଜର ନୀତି ଓ ନୈତିକତାକୁ ଦୃଢ଼ ରଖି ଅନ୍ୟର ଉପକାର କରି ପାରୁଛି ତାହା ବିଚାରକୁ ନିଆଯାଏ।

ନେତା ନୀତିନିଷ୍ଠ ନହେଲେ ତାହାର ପ୍ରତ୍ୟେକ ନିଷ୍ପତ୍ତି ସନ୍ଦେହଜନକ ହୋଇଯାଏ। ସେ ଆଇନକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରେ । ଶାସନ ବ୍ୟବସ୍ଥାକୁ ଦୁର୍ବଳ କରେ ଏବଂ ଲୋକଙ୍କ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରେ। ଯେଉଁ ରାଷ୍ଟ୍ରର ନେତା ନୀତିହୀନ, ସେହି ରାଷ୍ଟ୍ରର ସବୁଠାରୁ ବଡ଼ କ୍ଷତି ହୁଏ । ତାହାର ସାମାଜିକ ଏକତାର ନଷ୍ଟ ହୁଏ। ଲୋକେ ଶାସନରୁ ବିମୁଖ ହୋଇଯାଆନ୍ତି । ଅପରାଧୀମାନେ ପ୍ରୋତ୍ସାହିତ ହୁଅନ୍ତି । ନ୍ୟାୟିକ ବ୍ୟବସ୍ଥା ହାସ୍ୟାସ୍ପଦ ହୋଇଯାଏ। ନୀତିହୀନ ନେତା ଲୋକଙ୍କୁ ବିଭାଜନ କରି ଶାସନ କରେ । କାରଣ ଏକତା ପ୍ରତିଷ୍ଠା ହେଲେ ଲୋକେ ନିଜର ଦାବି ଉଠାଇ ପାରନ୍ତି। ଏଣୁ ନେତାଙ୍କ ପାଇଁ ନୀତିନିଷ୍ଠ ହେବା କେବଳ ଗୁଣ ନୁହେଁ ଏହା ତାଙ୍କର ପ୍ରଥମ କର୍ତ୍ତବ୍ୟ।

ନୀତି ଭ୍ରଷ୍ଟ ହେଲେ ତାର କୁପ୍ରଭାବ ସର୍ବପ୍ରଥମେ ପଡ଼ ? ସମାଜର ସବୁଠାରୁ ଦୁର୍ବଳ ବର୍ଗ ଉପରେ। ଗରିବ, ଆଦିବାସୀ, ଦଳିତ, ମହିଳା, ଶିଶୁ—ଏମାନେ ସବୁଠାରୁ ଅଧିକ ପୀଡ଼ିତ ହୁଅନ୍ତି। ପରେ ଏହାର ବ୍ୟାପକ ପ୍ରଭାବ ଯୁବପିଢ଼ି, ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ ଓ ପ୍ରଶାସନ ଉପରେ ପଡ଼ ?। ଯେଉଁ ଦେଶରେ ଦୁର୍ନୀତି ଶାସନର ଅଙ୍ଗ ହୋଇଯାଏ ସେଠି ଯୁବପିଢ଼ି ଦେଶପ୍ରେମ ବଦଳରେ ଚାକିରି, ଘୁସ୍ ଓ ଅନ୍ୟାୟକୁ ସ୍ୱାଭାବିକ ଭାବରେ ଗ୍ରହଣ କରି ନିଅନ୍ତି। ଶେଷରେ ସମଗ୍ର ସମାଜ ଅବିଶ୍ୱାସ, ଅରାଜକତା, ସାମ୍ପ୍ରଦାୟିକ ଦଙ୍ଗା ଓ ଅସନ୍ତୋଷରେ ଜର୍ଜରିତ ହୋଇଯାଏ। ନୀତି ଭ୍ରଷ୍ଟ ହେଲେ କେବଳ ବ୍ୟକ୍ତି ବା ଦଳ ନୁହେଁ ସମଗ୍ର ରାଷ୍ଟ୍ରକୁ ସାମଗ୍ରିକ କ୍ଷତି ସହିବାକୁ ପଡିଥାଏ। ଭ୍ରଷ୍ଟ ନୀତି ରାଷ୍ଟ୍ରର ଅର୍ଥନୀତିକୁ ମଧ୍ୟ ଦୁର୍ବଳ କରେ । ବିଦେଶୀ ବିନିଯୋଗ କମାଏ । ବିଶ୍ୱସ୍ତରରେ ଦେଶର ପ୍ରତିଷ୍ଠାର ପତନ ଘଟାଏ ।ରାଷ୍ଟ୍ରର ଆଭ୍ୟନ୍ତରୀଣ ବିଭାଜନ ବଢ଼ାଏ । ଗଣତନ୍ତ୍ର ଥାଇ ମଧ୍ୟ ଶାସନ ଏକଛତ୍ରବାଦୀ ହୋଇପଡ଼ ?। ରାଷ୍ଟ୍ରର ଅର୍ଥ ଲୁଟାଯାଏ । ଜନସ୍ୱାସ୍ଥ୍ୟ, ଶିକ୍ଷା,ଗମନା ଗମନ ସୁବିଧା ନଷ୍ଟ ହୁଏ। ଦୁର୍ନୀତି ରାଷ୍ଟ୍ରର ଶକ୍ତିକୁ କ୍ଷୟ କରେ ଏବଂ ଦୀର୍ଘ ମିଆଦରେ ରାଷ୍ଟ୍ରର ପତନ ଘଟାଏ। ଏଣୁ ନୀତିନିଷ୍ଠା ରାଷ୍ଟ୍ରର ଜାତୀୟ ସୁରକ୍ଷା ସହ ସମାନ ମହତ୍ତ୍ୱ ବହନ କରେ।

ନୈତିକତା କ'ଣ ? ନୈତିକତା ହେଉଛି ସଠିକ୍ ଓ ଭୁଲର ଆନ୍ତରିକ ବୋଧ । ଯାହା ଆଇନ ଠାରୁ ମଧ୍ୟ ଉର୍ଦ୍ଧ୍ୱରେ। ଆଇନ ଯାହା ଅନୁମତି ଦିଏ ତାହା ନୈତିକ ନ ହୋଇପାରେ। ନେତାର ନୈତିକ କର୍ତ୍ତବ୍ୟ ହେଉଛି କୌଣସି ଚାପ କିମ୍ବା ପ୍ରଲୋଭନରେ ବଶବର୍ତ୍ତୀ ନହୋଇ ଜନହିତରେ ନିଷ୍ପତ୍ତି ଓ କାର୍ଯ୍ୟ କରିବା । ବ୍ୟକ୍ତିଗତ, ପାରିବାରିକ ବା ଦଳୀୟ ସ୍ୱାର୍ଥଠାରୁ ରାଷ୍ଟ୍ର ଓ ସମାଜର ହିତକୁ ଉର୍ଦ୍ଧ୍ୱରେ ରଖିବା ଏବଂ ପ୍ରତ୍ୟେକ ନାଗରିକ ସହ ସମାନ ଆଚରଣ କରିବା। ନୈତିକତା ହେଉଛି ଶାସନର ପ୍ରାଣ। ନୈତିକତା ବିନା ଆଇନ, ନ୍ୟାୟାଳୟ, ସମ୍ବିଧାନ ସବୁ ଅର୍ଥହୀନ। ନୈତିକ ନେତା ନିଜର ଅନ୍ତଃକରଣ ଅନୁସାରେ କାର୍ଯ୍ୟ କରେ । ନିର୍ବାଚନର ଚିନ୍ତା ନକରି ସତ୍ୟର ପଥରେ ଚାଲେ। ଏହାଦ୍ୱାରା ରାଷ୍ଟ୍ରର ଅନେକ ଫାଇଦା ହୋଇଥାଏ। ନୀତି ଓ ନୈତିକତା ଥିଲେ ରାଷ୍ଟ୍ରରେ ସୁଶାସନ ପ୍ରତିଷ୍ଠା ହୁଏ । ଲୋକଙ୍କ ବିଶ୍ୱାସ ବଢେ । (କ୍ରମଶଃ)



## ଛାତ୍ର ବତ୍ସଳ ଗୁରୁଜୀଙ୍କ ପରଲୋକରେ ଶୋକ

କାକଟପୁର, ୧୦।୬:(ମନ୍ଥନ)ରାମକୃଷ୍ଣ ଶିଶୁ ମନ୍ଦିରର ଜଣେ ସୁନାମଧନ୍ୟ ଛାତ୍ର ବତ୍ସଳ ତଥା ସମସ୍ତଙ୍କ ପ୍ରିୟ ଶିକ୍ଷକ ବିମଳ ଗୁରୁଜୀଙ୍କର ଅକାଳ ବିୟୋଗ ସମସ୍ତ ଙ୍କୁ ମ୍ରିୟମାଣ କରିଛି । ଗତକାଲି ବିଳମ୍ବିତ ରାତିରେ ହଠାତ ହୃଦଘାତ ଯୋଗୁଁ ତାଙ୍କର ପରଲୋକ ହୋଇଯାଇଥିବା ସୂଚନା ମିଳିଛି ।ମୃତ୍ୟୁ ବେଳକୁ ତାଙ୍କୁ ୫୧ ବର୍ଷ ହୋଇଥିଲା । ତାଙ୍କର ଏହି ଆକସ୍ମିକ ନିଧନ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସମେତ ଶିକ୍ଷାନୁଷ୍ଠାନରେ ଗଭୀର ଶୋକର ଛାୟା ଖେଳିଯାଇଛି । ଛାତ୍ରଛାତ୍ରୀଙ୍କ କାନ୍ଦ ରେ ଫାଟି ପଡୁଛି ସ୍କୁଲ ପରିସର କ୍ଷବିମଳ ଗୁରୁଜୀଙ୍କ ବିୟୋଗ ଖବର ପାଇବା ପରେ ଆଜି ରାମକୃଷ୍ଣ ଶିଶୁ ମନ୍ଦିରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ନିଜର ପ୍ରିୟ ଓ ସ୍ନେହୀ ଗୁରୁଜୀଙ୍କୁ ହରାଇ ଶିଶୁ ମନ୍ଦିରର ଶତାଧିକ ଛାତ୍ରଛାତ୍ରୀ, ପୁରାତନ ଛାତ୍ର ଛାତ୍ରୀ ସ୍କୁଲ ପରିସରରେ ପହଞ୍ଚି ଭୋ ଭୋ ହୋଇ କାନ୍ଦୁଥିବାର ଦେଖିବାକୁ ମିଳିଥିଲାୟ ଗୁରୁଜୀଙ୍କ କୋମଳ ବ୍ୟବହାର, ଛାତ୍ର ଛାତ୍ରୀ ମାନଙ୍କ ପ୍ରତି ମୁଖ ରେ କଠୋର, ଅନ୍ତର ରେ ବାତ୍ସଲ୍ୟ ଭାବ ଓ ଶିକ୍ଷାଦାନ ଶୈଳୀ ପାଇଁ ସେ ପିଲାମାନଙ୍କର ଅତି ପ୍ରିୟ ଥିଲେୟ ପିଲାମାନଙ୍କ କାନ୍ଦରେ ଆଜି ସମଗ୍ର ଶିଶୁ ମନ୍ଦିର ଫାଟି ପଡୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଅଭିଭାବକ ଓ ଅନ୍ୟ ଗୁରୁଜୀ-ଗୁରୁମାମାନେ ମଧ୍ୟ ନିଜର ଲୁହ ରୋକିପାରି ନଥିଲେୟତାଙ୍କ ଅନ୍ତିମ ଦର୍ଶନ ପାଇଁ ବିଦ୍ୟାଳୟ ପରିସରରେ ଶବଧାର ବେଳେ ବହୁ ପୁରାତନ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିବା ସହିତ ସ୍କୁଲ ପରିସର ଠାରୁ ଗୁରୁଜୀ ଅମର ରହେ ଆଦି ସ୍ଲୋଗାନ ଦେଇ ବାସଭବନ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ରେ ନେଇଥିଲେ । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଦୁଇ ମିନିଟ୍ର ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜଣେ ଆଦର୍ଶ, ନିଷ୍ଠାପର ଏବଂ ଛାତ୍ରବତ୍ସଳ ଶିକ୍ଷକ ଭାବେ ବିମଳ ଗୁରୁଜୀ ସଦାସର୍ବଦା ସମସ୍ତଙ୍କ ସ୍ମୃତିରେ ରହିବେ ବୋଲି ଶିଶୁ ମନ୍ଦିର ପରିଚାଳନା ସମିତି ପକ୍ଷରୁ କୁହାଯାଇଛି ।

## ପିପୁଲ୍ସ ଫୋରମ ତରଫରୁ ମାନସିକ ଚିକିତ୍ସା କର୍ମଶାଳା ଆୟୋଜନ

ବଲାଙ୍ଗିର,୧୦।୬:(ମନ୍ଥନ) ଓଡିଶା ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ତଥା ଜିଲ୍ଲା ପ୍ରଶାସନର ସହଯୋଗ ରେ ପିପୁଲ୍ସ ଫୋରମ ଭୁବନେଶ୍ୱର ର ଏକ ସାମାଜିକ ସଂଗଠନ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ସମାଜର ବିଭିନ୍ନ ବର୍ଗ ମୁଖ୍ୟତଃ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମାନସିକ ଚିକିତ୍ସା କର୍ମଶାଳା ଆୟୋଜନ କରାଯାଇଥିଲା । ଏହି କର୍ମଶାଳାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଉଦ୍ଘାଟନ କରିଥିଲେ । ଏହି କର୍ମଶାଳାରେ ସଂଗଠନ ତରଫରୁ ମାନସିକ ବିଶେଷଜ୍ଞ ତଥା ଅନ୍ୟାନ୍ୟ କର୍ମଚାରୀ ପ୍ରାୟ ୫୦ ଜଣଙ୍କ ମାନସିକ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ ଓ ନିଶୁଳ୍କ ଔଷଧ ବିତରଣ କରିଥିଲେ ତଥା ଆଗାମୀ ଦିନରେ କିପରି ଭାବରେ ଉତ୍ତମ ସ୍ୱାସ୍ଥ୍ୟ ନେଇ ସମାଜରେ ବିଚରଣ କରିବେ ତା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସଭାପତି ପ୍ରଭାକର ମିଶ୍ର, ଉପ-ସଭାପତି ଅଶୋକ କୁମାର ଚନ୍ଦ, ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢି, ଉପଦେଷ୍ଟା ଦୁର୍ଗା ପ୍ରସାଦ ହୋତା ଓ ଏଡ୍ଭୋକେଟ ଅଶୋକ କୁମାର ମିଶ୍ର, ସାଧାରଣ ସଂପାଦକ




କପିଳେଶ୍ୱର ଖମାରୀ, ଅତିରିକ୍ତ ସାଧାରଣ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳ, ସଂଗଠନ ସଂପାଦକ ବିନୟ କୁମାର ମିଶ୍ର, କାର୍ଯ୍ୟାଳୟ ସଂପାଦକ ଗଣେଶ ଚନ୍ଦ୍ର ପାଢି, କାର୍ଯ୍ୟକାରୀ ସଭ୍ୟ ସୁରେନ୍ଦ୍ର ନେଗୀ ଓ ବ୍ରଜ କିଶୋର ପଣ୍ଡା, ବରିଷ୍ଠ ସଦସ୍ୟ ହରେକୃଷ୍ଣ ପଟେଲ, ପ୍ରଦୀପ କୁମାର ମିଶ୍ର, ମନୋରଂଜନ ପଟ୍ଟନାୟକ ଓ ବିରଂଚି ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ଅମିତ କୁମାର ନାଏକ ସମସ୍ତ ପ୍ରକାର ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ବରିଷ୍ଠ ନାଗରିକ ମଂଚ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଫୁଲବାଣୀରେ ସରକାରୀ କର୍ମଚାରୀ-ଜନତା ସମ୍ପର୍କ କ୍ଷମତାରେ ଶିଷ୍ଟତା ଶୀର୍ଷକ ଆଲୋଚନା ଚକ୍ର

କନ୍ଧମାଳ,୧୦।୬:(ମନ୍ଥନ)କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ (କେପିସିପି) ପକ୍ଷରୁ ଆଜି ଫୁଲବାଣୀଠାରେ ସରକାରୀ କର୍ମଚାରୀ-ଜନତା ସମ୍ପର୍କ କ୍ଷମତାରେ ଶିଷ୍ଟତା ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସରକାରୀ କର୍ମଚାରୀ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଗଢ଼ି ଉଠିବାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ । ବକ୍ତାମାନେ କହିଥିଲେ ଯେ ସରକାର ନିଜକୁ ଜନସାଧାରଣଙ୍କ ସରକାର ବୋଲି କହୁଥିବା ବେଳେ ଏବେ ମଧ୍ୟ ଅନେକ ସରକାରୀ କର୍ମଚାରୀ ଲୋକଙ୍କ ଆସ୍ଥାଭାଜନ ହୋଇପାରି ନାହାନ୍ତିୟ ଏହାର ପ୍ରଭାବରେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରୁନାହିଁ । ଅନ୍ୟ ବକ୍ତାମାନେ ମତ ଦେଇଥିଲେ ଯେ ପ୍ରଶାସନ, ଲୋକପ୍ରତିନିଧି ଓ ଜନସାଧାରଣ ଏକ ସରଳରେଖାରେ କାର୍ଯ୍ୟ କଲେ ହିଁ ଉନ୍ନତି ସମ୍ଭବୟକର୍ମଶାଳାରେ କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦର ସଭାପତି ଡ଼. ଦିଲ୍ଲୀପ କୁମାର ସାହାଣୀ ଅଧ୍ୟକ୍ଷତା କରିଥିଲେ । ଅବସରପ୍ରାପ୍ତ ଶିକ୍ଷାବିତ ଡ଼. ରାଜକିଶୋର ବେହେରା ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସୁଥିବା ଲୋକମାନେ ସରକାରୀ କର୍ମଚାରୀଙ୍କ ଠାରୁ ଆନ୍ତରିକ ବ୍ୟବହାର ଓ ନ୍ୟାୟସଙ୍ଗତ ସେବା ପାଇବା ଉଚିତ । ବରିଷ୍ଠ ନାଗରିକ ଶ୍ରୀ ବି.ଭି. ନାରାୟଣ କହିଥିଲେ ଯେ କୌଣସି ଜନସାଧାରଣ କାର୍ଯ୍ୟାଳୟକୁ ଆସିଲେ କର୍ମଚାରୀମାନେ ନିଜ ଆସନ ଛାଡ଼ି ମୁଁ କିପରି ସାହାଯ୍ୟ କରିପାରିବି ବୋଲି ଆଗେଇ ଆସିବା ଉଚିତ । ସେ କହିଥିଲେ ଯେ ବିଭାଗୀୟ ମୁଖ୍ୟମାନେ ନିଜ ଅଧସ୍ତନ କର୍ମଚାରୀଙ୍କୁ ଜନସାଧାରଣଙ୍କ ସହ ଉତ୍ତମ ବ୍ୟବହାର ସମ୍ପର୍କରେନିୟମିତ ତାଲିମ ପ୍ରଦାନ କରିବା ଆବଶ୍ୟକ । ଆଲୋଚନା ଚକ୍ରରେ ବରିଷ୍ଠ ନାଗରିକ ଫୋରମର ସଭାପତି ସର୍ବେଶ୍ୱର ମିଶ୍ର, ବରିଷ୍ଠ ସାମ୍ବାଦିକ ଫିଲମୋହନ ନାୟକ, ସନ୍ତୋଷ କୁମାର ଡିଗାଲ, ଆଡଭୋକେଟ ବ୍ରଜକିଶୋର ପଟ୍ଟନାୟକ, ଅବସରପ୍ରାପ୍ତ ସାନିଟାରୀ ଇନ୍ସପେକ୍ଟର ସରୋଜ ସାହୁ, ବରିଷ୍ଠ ସଦସ୍ୟ ନୃସିଂହ ବେହେରା ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶ୍ରୀମତୀ ବିଶ୍ୱେଶିନୀ ପ୍ରଧାନ ପ୍ରମୁଖ ନିଜ ମତାମତ ରଖିଥିଲେ ।

## ନେହେରୁଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ
### ଶୁଭେଚ୍ଛା ଜଣାଇଲେ ମେଲୋନୀ

ନୂଆଦିଲ୍ଲୀ,୧୦।୬(ଏଜେନ୍ସି):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଦିନ ଭାରତ ଇତିହାସରେ ସବୁଠାରୁ ଦୀର୍ଘ ସମୟ ଧରି ଶାସନ ଗାଦିରେ ରହିଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛନ୍ତି । କ୍ରମାଗତ ଭାବେ ପ୍ରଧାନମନ୍ତ୍ରୀ



କାର୍ଯ୍ୟାଳୟରେ ୪,୩୧୯ ଦିନ ପୂରଣ କରି ସେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ (୪,୩୮ ନିର୍ବାଚିତ ଦିନ) ରେକର୍ଡକୁ ଅତିକ୍ରମ କରିଛନ୍ତି । ଏହି ଐତିହାସିକ ସଫଳତା ପାଇଁ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ । ମେଲୋନୀ ସୋସିଆଲ ମିଡିଆରେ ମୋଦୀଙ୍କୁ ଭୂୟସୀ ପ୍ରଶଂସା କରିବା ସହ ରୋମରେ ହୋଇଥିବା ସାକ୍ଷାତକାର ଏବଂ ଭାରତ-ଇଟାଲୀ ମଧ୍ୟରେ ସ୍ୱାକ୍ଷରିତ 'ସ୍ପେଶାଲ ଷ୍ଟ୍ରାଟେଜିକ୍ ପାର୍ଟନରସିପ୍'ବିଷୟରେ ଉଲ୍ଲେଖ କରିଛନ୍ତି । ସୋସିଆଲ ମିଡିଆରେ ବେଶ୍ ଜଣାଶୁଣା 'ମେଲୋଡି' କେମିଷ୍ଟ୍ରିର ଫଟୋ ସେୟାର କରି ସେ ଦୁଇ ଦେଶର ବନ୍ଧୁତ୍ୱକୁ ଆଗକୁ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ମୋଦୀଙ୍କର ଏହି ସଫଳତା ପାଇଁ ମେଲୋନୀଙ୍କ ସମେତ ମାଲେସିଆ ପିଏମ୍ ଅନୱାର ଇବ୍ରାହିମ, ନାଇଜେରିଆ ରାଷ୍ଟ୍ରପତି ବୋଲା ଟିନୁବୁ ଏବଂ ମାଲଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲିହଙ୍କ ଭଳି ବିଶ୍ୱର ଅନେକ ପ୍ରମୁଖ ନେତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍କଟ୍ ମରିସନ୍ ଓ କେନ୍ୟାର ରାଷ୍ଟ୍ରପତି ୱିଲିୟମ୍ ରୁଟୋ ମଧ୍ୟ ମୋଦୀଙ୍କୁ ଜଣେ ସଚ୍ଚା ରାଷ୍ଟ୍ରନାୟକ ବୋଲି ଅଭିହିତ କରି କହିଛନ୍ତି ଯେ, ଏକ ସାଧାରଣ ପରିବାରରୁ ଆସି ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ରର ଶୀର୍ଷରେ ପହଞ୍ଚିବା ତାଙ୍କର ନିଷ୍ଠା ଓ ସେବା ମନୋଭାବର ପ୍ରକୃତ ପ୍ରମାଣ ।

## ସାୟୋନି ଘୋଷ ବିଦ୍ରୋହୀ ଗୋଷ୍ଠୀ ମୁହାଁ !

ନୂଆଦିଲ୍ଲୀ,୧୦।୬(ଏଜେନ୍ସି):ପଶ୍ଚିମବଙ୍ଗରେ କ୍ଷମତା ପରିବର୍ତ୍ତନ ପରେ,ଟିଏମସି ତାସ ଘର ପରି ଭାଙ୍ଗି ପଡୁଛି । ସୂତ୍ର ଅନୁସାରେ, ମମତା ବାନାର୍ଜୀଙ୍କ ଘନିଷ୍ଠ ବିଶ୍ୱାସୀ ଏବଂ ଟିଏମସିର ଜଣେ ଫାୟାରବ୍ରାଣ୍ଡ ଚେହେରା ସାୟୋନି ଘୋଷ ମଧ୍ୟ ଏବେ ବିଦ୍ରୋହୀ ଗୋଷ୍ଠୀ ମୁହାଁ ହୋଇଛନ୍ତି । ସୂତ୍ରରୁ ଜଣାପଡିଛି ଯେ ବିଦ୍ରୋହୀ ଗୋଷ୍ଠୀରେ ସାୟୋନି ଘୋଷ ଏବଂ ସୁଦୀପ ବନ୍ଦୋପାଧ୍ୟାୟଙ୍କ ସମେତ ୨୦ ଜଣ ଲୋକସଭା ସାଂସଦ ଅଛନ୍ତି । ଏହା ସହିତ, ଦୁଇ ଜଣ ରାଜ୍ୟସଭା ସାଂସଦ ସୁଖେନ୍ଦୁ ଶେଖର ରାୟ ଏବଂ ସୁସ୍ମିତା ଦେବ ମଧ୍ୟ ଇସ୍ତଫା ଦେଇଛନ୍ତ । ସାୟୋନି ଘୋଷ ପଶ୍ଚିମବଙ୍ଗର ଯାଦବପୁର ଲୋକସଭା ନିର୍ବାଚନମଣ୍ଡଳୀର ଜଣେ ଟିଏମସି ସାଂସଦୟପଶ୍ଚିମବଙ୍ଗରେ ୧୫ ବର୍ଷର କ୍ଷମତା ହରାଇବା ପରେ, ମମତା ବାନାର୍ଜୀ ବର୍ତ୍ତମାନ ତାଙ୍କର ସବୁଠାରୁ କଷ୍ଟକର ପର୍ଯ୍ୟାୟର ସମ୍ମୁଖୀନ ହେଉଛନ୍ତି । ତାଙ୍କ ସମ୍ମୁଖରେ ତାଙ୍କ ଦଳ ଏବଂ ସଂଗଠନକୁ ବଞ୍ଚାଇବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ଦଳ ଭିତରେ ବିଦ୍ରୋହ ପରେ, ଯେଉଁମାନେ ପୂର୍ବରୁ ତାଙ୍କର ନିକଟତମ ସହଯୋଗୀ ଥିଲେ ସେମାନେ ମଧ୍ୟ ଏବେ ତାଙ୍କୁ ପରିତ୍ୟାଗ କରୁଛନ୍ତି । ବିରୋଧୀ ସ୍ୱର ମମତାଙ୍କୁ ସମ୍ପୂର୍ଣ୍ଣ ଭାବରେ ଏକାକୀ କରିଦେଇଛି । ପରିସ୍ଥିତି ଦଳର ଅସ୍ତିତ୍ୱ ପାଇଁ ଏକ ସଙ୍କଟ ପାଲଟିଛି । ସାୟୋନି ଘୋଷ କାକୋଲି ଘୋଷ ଦସ୍ତିଦାରଙ୍କ ସହିତ ଯୋଗାଯୋଗ କରି ବିଚ୍ଛିନ୍ନ ଟିଏମସି ଗୋଷ୍ଠୀକୁ ସମର୍ଥନ ଜଣାଇ ଗୋଷ୍ଠୀକୁ ସମର୍ଥନ କରୁଥିବା ଜରୁରୀ କାଗଜପତ୍ରରେ ସ୍ୱାକ୍ଷର କରିଥିବା କୁହାଯାଉଛି । କାକୋଲି ଘୋଷ ଦସ୍ତିଦାର ସୋସିଆଲ ମିଡିଆରେ ପୁଣି ଥରେ କହିଛନ୍ତି ଯେ ୨୦୨୬ ବିଧାନସଭା ଫଳାଫଳ ନୀତି ଏବଂ ଶାସନର ବିଫଳତା ବିରୋଧରେ ଏକ ରାୟ ଥିଲା । ସୂତ୍ର ଅନୁସାରେ, ସାୟୋନି ଘୋଷ ଅନୁମାନ କରୁଛନ୍ତି ଯେ, ତୃଣମୂଳ କଂଗ୍ରେସ ଭିତରେ ତାଙ୍କର ଆଉ ରାଜନୈତିକ ଭବିଷ୍ୟତ ନାହିଁ । ତାଙ୍କ ନିକଟତମ ସୂତ୍ର ଅନୁଯାୟୀ, ନିର୍ବାଚନ ପ୍ରଚାର ସମୟରେ ଯେତେବେଳେ ସେ ଆକ୍ରମଣର ଶିକାର ହୋଇଥିଲେ, ସେତେବେଳେ ଦଳୀୟ ନେତୃତ୍ୱଙ୍କ ସମର୍ଥନର ଅଭାବ ତାଙ୍କର ଏକ ପ୍ରମୁଖ ଅଭିଯୋଗ ଥିଲା । ସେ ସମୟରେ ସାୟୋନି ଏକୁଟିଆ ଅନୁଭବ କରିଥିଲେ ଏବଂ ଦାବି କରିଥିଲେ ଯେ ଦଳ ଭିତରେ କେହି ତାଙ୍କ ସହିତ ଛିଡ଼ା ହୋଇ ନଥିଲେ । ତାଙ୍କୁ ତାଙ୍କ ପ୍ରଚାରକୁ ସଂକ୍ଷିପ୍ତ କରିବାକୁ ମଧ୍ୟ କୁହାଯାଇଥିଲା, ଯାହା ସଂଗଠନ ପ୍ରତି ତାଙ୍କର ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଥିଲା । ଏହି ପଦକ୍ଷେପ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣକାରଣ ସାୟୋନିଙ୍କୁ ସମ୍ପ୍ରତି ଦଳର ମହିଳା ଶାଖାର ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଥିଲା । ଯାହା ଦ୍ୱାରା ସେ ତୃଣମୂଳ କଂଗ୍ରେସର ଜଣେ ପ୍ରମୁଖ ଚେହେରା ପାଲଟିଥିଲେ ।

## ଭାରତୀୟ ସେନାର ସବୁଠାରୁ ବଡ଼ ପ୍ରତିରକ୍ଷା ପ୍ରକଳ୍ପ
## କିଣାଯିବ ୨୩,୦୦୦ କୋଟିର 'କେ୯ ବଜ୍ର' ତୋପ

ନୂଆଦିଲ୍ଲୀ,୧୦।୬(ଏଜେନ୍ସି):ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ଭାରତୀୟ ସେନା ବିଗତ କେତେକ ଦଶନ୍ଧି ମଧ୍ୟରେ ତା'ର ସବୁଠାରୁ ବଡ଼ ଆର୍ଟିଲାରୀ ଆଧୁନିକୀକରଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି । ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ଚୀନ ସୀମାନ୍ତ (ଏଲଏସି) ଓ ପାକିସ୍ତାନ ସହ ଜଡ଼ିତ ପଶ୍ଚିମ ସୀମାରେ ଦୂରଗାମୀ ଆକ୍ରମଣ କ୍ଷମତା ବୃଦ୍ଧି ପାଇଁ ପ୍ରାୟ ୨୩,୦୦୦ କୋଟି ଟଙ୍କା ବ୍ୟୟରେ ଆଉ ୩୦୦ରୁ ଅଧିକ 'କେ୯ ବଜ୍ର' ସେଲ୍ଫ-ପ୍ରୋପେଲ୍ଡ ହୋୱିଜର ତୋପ କିଣିବା ପାଇଁ ସେନା ପକ୍ଷରୁ ଏକ ବଡ଼ ପ୍ରସ୍ତାବ ଚଳିତ ସପ୍ତାହରେ ପ୍ରତିରକ୍ଷା କ୍ରୟ ବୋର୍ଡ (ଡିପିବି) ସମ୍ମୁଖରେ ଉପସ୍ଥାପନ କରାଯିବ । ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିବା ପରେ ଏହାର ନିର୍ମାଣ ଦାୟିତ୍ୱ ଭାରତୀୟ କମ୍ପାନୀ ଲାର୍ସେନ୍ ଆଣ୍ଡ ଟୁବ୍ରୋ (ଏଲଆଣ୍ଡଟି) କୁ ମିଳିବ, ଯିଏକି ଦକ୍ଷିଣ କୋରିଆର ପ୍ରତିରକ୍ଷା ସଂସ୍ଥା 'ହାନୱା ଏରୋସ୍ପେସ୍' ସହ ସହଭାଗିତାରେ ଭାରତରେ ଏହାର ସ୍ୱଦେଶୀ ନିର୍ମାଣ କରୁଛି । ଏହି ନୂତନ



କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଲେ ଭାରତୀୟ ସେନାରେ 'କେ୯ ବଜ୍ର' ତୋପର ମୋଟ ସଂଖ୍ୟା ୫୦୦ ଅତିକ୍ରମ କରିବ, ଯାହା ସାମ୍ପ୍ରତିକ ସୁରକ୍ଷା ମାହୋଲରେ ଦେଶର ସାମରିକ ସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେବ । ବାସ୍ତବରେ, 'କେ୯ ବଜ୍ର' ହେଉଛି ଏକ ୧୫୫ ମିଲିମିଟର/୫୨-କ୍ୟାଲିବରର ଟ୍ରାକ୍ଡ ସେଲ୍ଫ-ପ୍ରୋପେଲ୍ଡ ଆର୍ଟିଲାରୀ ପ୍ଲାଟଫର୍ମ, ଯାହା ୪୦ କିଲୋମିଟରରୁ ଅଧିକ ଦୂରରେ ଥିବା ଶତ୍ରୁ ଘାଟିକୁ ସଫଳତାର ସହ ଧ୍ୱଂସ କରିପାରେ । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ସୁଟ୍-ଆଣ୍ଡ-ସ୍କୁଟ୍ ପ୍ରତିରକ୍ଷା କୌଶଳ, ଅର୍ଥା ଏହା ଅତି ଦ୍ରୁତ ଗତିରେ ଗୋଳାବାରୁଦ ମାଡ଼ କରି ସେହି ସ୍ଥାନରୁ ନିଜର ସ୍ଥିତି ବଦଳାଇ ଦେଇଥାଏ, ଯାହା ଫଳରେ ଶତ୍ରୁ ସେନା ଏହାର ପ୍ରତି-ଆକ୍ରମଣ କରିପାରେ ନାହିଁ । ପୂର୍ବରୁ ୨୦୧୭ରେ ଭାରତ ୪,୫୦୦ କୋଟି ଟଙ୍କାରେ ପ୍ରଥମ ୧୦୦ଟି ତୋପ ପାଇଁ ଚୁକ୍ତି କରିଥିଲା ଏବଂ ୨୦୨୩ରେ ଆଉ ୧୦୦ଟି ତୋପ ପାଇଁ ୭,୬୦୦ କୋଟିର ଦ୍ୱିତୀୟ ଅର୍ଡର ଦିଆଯାଇଥିଲା । ଲଦାଖର ଅତି ଥଣ୍ଡା ଏବଂ ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ଏହି ତୋପର ସଫଳ ପରୀକ୍ଷଣ ପରେ ସେନା ଏହାକୁ ଚୀନ ସୀମାରେ ମଧ୍ୟ ବ୍ୟାପକ ଭାବେ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି, ଯାହା ଭବିଷ୍ୟତ ଯୁଦ୍ଧ ପାଇଁ ଭାରତୀୟ ସେନାକୁ ଅଧିକ ଶକ୍ତିଶାଳୀ ଓ ପ୍ରସ୍ତୁତ କରିବ ।

## ଗୁଗଲ କ୍ଲାଉଡ୍ ସେବାରେ ବିଭ୍ରାଟ

ନୂଆଦିଲ୍ଲୀ,୧୦।୬(ଏଜେନ୍ସି):ଦିଲ୍ଲୀ, ମୁମ୍ବାଇ ଓ ଚେନ୍ନାଇ ଭଳି ଦେଶର ବିଭିନ୍ନ ସ୍ଥାନରେ ଗୁଗଲ୍ କ୍ଲାଉଡ୍ ସେବାରେ ବିଭ୍ରାଟ ଦେଖାଦେଇଛି । ଦିଲ୍ଲୀରେ ଥିବା ଏକ ତୃତୀୟ ପକ୍ଷ ସଂସ୍ଥାର ଡାଟା ସେଣ୍ଟରରେ ଅଗ୍ନିକାଣ୍ଡ ଘଟିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଛି ।ଅଗ୍ନିକାଣ୍ଡ ପରେ ନେଟ୍ୱର୍କକୁ ବିଦ୍ୟୁତ ଯୋଗାଣ ବନ୍ଦ




କରିବାକୁ ପଡ଼ିଥିଲା ।ଫଳରେ ସହରରେ କ୍ଲାଉଡ୍ ସେବା ବାଧାପ୍ରାପ୍ତ ହୋଇଥିଲା । ତାହାର ପ୍ରଭାବ ଅନ୍ୟ ଅଞ୍ଚଳଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳିଛି । ସମସ୍ୟାର ସମାଧାନ କରିବାକୁ କମ୍ପାନି ଟ୍ରାଫିକକୁଅନ୍ୟ ଅଞ୍ଚଳ ଜରିଆରେ ପରିଚାଳନା କରିବାକୁ ଉଦ୍ୟମ କରିଛି । କିନ୍ତୁ ହଠାତ ଚାହିଦା ବିବାରୁ ଏହି ସେବା ପାଇବା ବିଳମ୍ବ ହେଉଛି । ସେବାକୁ ସ୍ୱାଭାବିକ କରିବା ଦିଗରେ କମ୍ପାନି କାର୍ଯ୍ୟ କରୁଛି ।

## କତାର ପରେ ଇରାନ ସହିତ ଚୁକ୍ତି କଲା ୟୁଏଇ

ନୂଆଦିଲ୍ଲୀ,୧୦।୬(ଏଜେନ୍ସି):କତାର ପରେ, ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ଇରାନ ସହିତ ଏକ ଚୁକ୍ତି କରିଛି । ଇସ୍ରାଏଲୀ ଗଣମାଧ୍ୟମ ଏହି ଦାବି କରିଛି । ଏହି ଚୁକ୍ତି ଅନୁଯାୟୀ, ୟୁଏଇ ତେହେରାନକୁ ୩ ବିଲିୟନ ଡଲାର ପଠାଇଛି । ପ୍ରତିବଦଳରେ, ଇରାନ ଯୁଦ୍ଧ ସମୟରେ ୟୁଏଇ ଉପରେ ଆଉ ଆକ୍ରମଣ କରିବ ନାହିଁ । ତେବେ ଇରାନ ଏହି ଚୁକ୍ତିକୁ ଅସ୍ୱୀକାର କରିଛି । ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ରଙ୍କ ଅନୁଯାୟୀ, ତେହେରାନ ଏହି ଚୁକ୍ତି ଅନୁଯାୟୀ କୌଣସି ପାଣ୍ଠି ପାଇନାହିଁ । ଇସ୍ରାଏଲୀ ଗଣମାଧ୍ୟମ ଅନୁଯାୟୀ, କିଛି ଦିନ ପୂର୍ବରୁ ୟୁଏଇରୁ ତେହେରାନକୁ ୩ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ବିମାନ ମାଧ୍ୟମରେ ପଠାଯାଇଥିଲା । ସେଥିରେ କେତେ ଟଙ୍କା ଏବଂ ସାମଗ୍ରୀ ଅନ୍ତର୍ଭୁକ୍ତ ତାହା ପ୍ରକାଶ କରାଯାଇ ନାହିଁ । ରିପୋର୍ଟରେ ଆହୁରି କୁହାଯାଇଛି ଯେ କୂଟନୈତିକ ପ୍ରୟାସକୁ ବୃଦ୍ଧି କରିବା ପାଇଁ ଏହି ପାଣ୍ଠି ପଠାଯାଇଥିଲା । ୟୁଏଇ ସରକାରଙ୍କ ଅନୁଯାୟୀ, ଇରାନ-ଆମେରିକା ଯୁଦ୍ଧ ସମୟରେ ଏହା ୨,୦୦୦ ରୁ ଅଧିକ ଆକ୍ରମଣର ଶିକାର ହୋଇଥିଲା । ଯୁଦ୍ଧ ସମୟରେ ଇରାନ ୟୁଏଇ ଉପରେ ୨,୨୬୫ ଡ୍ରୋନ ଆକ୍ରମଣ କରିଥିଲା । ସେହିପରି ୫୫୧ ବାଲିଷ୍ଟିକ୍ ମିସାଇଲ ମଧ୍ୟ ନିକ୍ଷେପ



କରାଯାଇଥିଲା । ଆବୁଧାବି ଏବଂ ଦୁବାଇରେ ୨୯ କ୍ରୁଜ୍ ମିସାଇଲ ଆକ୍ରମଣ କରାଯାଇଥିଲା । ଏହି ଇରାନୀ ଆକ୍ରମଣରେ ୧୩ ଜଣ ୟୁଏଇ ନାଗରିକଙ୍କ ମୃତ୍ୟୁ ହୋଇଥିଲା ଏବଂ ୨୩୦ ଜଣ ଆହତ ହୋଇଥିଲେ । ଇରାନ ଦାବି କରିଥିଲା ଯେ, ୟୁଏଇ ଇସ୍ରାଏଲ ସହିତ ମିଳିତ ହୋଇଥିବାରୁ ସେଠାରେ ଆକ୍ରମଣର ସବୁଠାରୁ ଅଧିକ ସମ୍ଭାବନା ରହିଛି । ତେବେଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ୟୁଏଇ ଉପରେ ଇରାନ କୌଣସି ଆକ୍ରମଣ କରିନାହିଁ । ବର୍ତ୍ତମାନ ଇରାନ କେବଳ କୁଏତ, ବାହାରିନ ଏବଂ ଜୋର୍ଡାନରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରୁଛି । ଆମେରିକା ସହିତ ଯୁଦ୍ଧ ଆରମ୍ଭରେ, ଇରାନ ମଧ୍ୟ କାତାର ସହିତ ଏକ ଚୁକ୍ତି କରିଥିଲା । ଏହି ଚୁକ୍ତି ଅନୁଯାୟୀ, ଇରାନ କତାରର ଘାଟି ଉପରେ ଆକ୍ରମଣ ନକରିବାକୁ ପ୍ରତିଶ୍ରୁତି ଦେଇଥିଲା । ପ୍ରତିବଦଳରେ, କାତାର ୬ ବିଲିୟନ ଡଲାର ମୂଲ୍ୟର ଇରାନୀ ସମ୍ପତ୍ତିକୁ ଅନଫ୍ରିଜ୍ କରିବାକୁ ରାଜି ହୋଇଥିଲା । ଇରାନ ଏବଂ ଆମେରିକା ମଧ୍ୟରେ ଚୁକ୍ତିନାମାକୁ ସମ୍ପାଦନ କରିବାରେ କତାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଚୁକ୍ତିନାମା ପରେ ଇରାନକୁ ତୁରନ୍ତ ୧୨ ବିଲିୟନ ଡଲାର ମିଳିବା ନିଶ୍ଚିତ କରିବା ପାଇଁ କତାର ମଧ୍ୟ କାର୍ଯ୍ୟ କରୁଛି, ଯାହା ଦ୍ୱାରା ଇରାନ ପୁନର୍ନିର୍ମାଣ କାର୍ଯ୍ୟ ଆରମ୍ଭ କରିପାରିବ । ଏହା ବ୍ୟତୀତ, କତାର ନିରନ୍ତର ଇରାନ ପାଇଁ ଲଢେଇ କରୁଛି ।

## ଆଫଗାନିସ୍ତାନ ଉପରେ ପାକିସ୍ତାନ ସେନାର ବିମାନ ଆକ୍ରମଣ, ୧୯ ମୃତ

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ସୀମା ବିବାଦ ଏବେ ଏକ ଭୟଙ୍କର ରୂପ ଧାରଣ କରିଛି । ମଙ୍ଗଳବାର ଓ ବୁଧବାର ମଧ୍ୟରାତ୍ରୀରେ ପାକିସ୍ତାନୀ ବାୟୁସେନା ପକ୍ଷରୁ ପୂର୍ବ ଆଫଗାନିସ୍ତାନ ଉପରେ କରାଯାଇଥିବା ବିମାନ ଆକ୍ରମଣରେ ୧୧ଜଣ ଶିଶୁଙ୍କ ସମେତ ୧୯ଜଣ ନିରୀହ ଆଫଗାନ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ଜଣ ଗ୍ରାମବାସୀ ଗୁରୁତର ଆହତ ହୋଇଥିବା ସୂଚନା ରହିଛି । ଆଫଗାନିସ୍ତାନର ତାଲିବାନ ସରକାର ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହ ଇସଲାମାବାଦ ଉପରେ ସାର୍ବଭୌମତ୍ୱ ଉଲ୍ଲଂଘନ ଓ ଜନବସତି ଅଞ୍ଚଳକୁ ଟାର୍ଗେଟ୍ କରିଥିବା ନେଇ ସିଧାସଳଖ ଅଭିଯୋଗ ଆଣିଛି । ଆଫଗାନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ପାକିସ୍ତାନ ସୀମାକୁ ଲାଗି ରହିଥିବା କୁନାର, ଖୋସ୍ତା ଓ ପାକ୍ତିକା ପ୍ରଦେଶର ଆବାସିକ ଘରଗୁଡ଼ିକ ଉପରେ ପାକିସ୍ତାନୀ ଯୁଦ୍ଧବିମାନଗୁଡ଼ିକ ଅତର୍କିତ ବୋମା ବର୍ଷା କରିଥିଲେ, ଯେଉଁଥିରେ ଅନେକ ପରିବାର ଧ୍ୱଂସ ହୋଇଯାଇଛି । ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ ସ୍ପଷ୍ଟ କରିଛନ୍ତି ଯେ ପାକିସ୍ତାନୀ ସମର ବିମାନଗୁଡ଼ିକ ଆଫଗାନିସ୍ତାନର ବାୟୁସୀମାରେ ବେଆଇନ ଭାବେ ପ୍ରବେଶ କରି ସାଧାରଣ ନାଗରିକଙ୍କ ଘର ଉପରେ ଆକ୍ରମଣ କରିଛନ୍ତି, ଯେଉଁଥିରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରେ ୧୧ ଜଣ ଶିଶୁ, ଜଣେ ମହିଳା ଓ ଜଣେ ବୃଦ୍ଧ ବ୍ୟକ୍ତି ସାମିଲ ଅଛନ୍ତି । ଏହି ଆକ୍ରମଣ କୌଣସି ଯୁଦ୍ଧଖୋର ଗୋଷ୍ଠୀ ଉପରେ ନୁହେଁ ବରଂ ସାଧାରଣ ଜନତାଙ୍କ ଉପରେ ହୋଇଛି । ଆନ୍ତର୍ଜାତୀୟ ମାନ୍ୟତା ଏବଂ ଆଫଗାନିସ୍ତାନର ଆଞ୍ଚଳିକ ଅଖଣ୍ଡତାକୁ ଅପମାନିତ କରିଥିବାରୁ ପାକିସ୍ତାନ ଏହି ନିରୀହ ଲୋକଙ୍କ ମୃତ୍ୟୁ ପାଇଁ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ତାଲିବାନ ପ୍ରଶାସନ କଡ଼ା ଚେତାବନୀ ଦେଇଛି ।

## ଦୁଷ୍କର୍ମ ମାମଲାରେ ଦୋଷମୁକ୍ତ ହୋଇଥିବା ବ୍ୟକ୍ତିଙ୍କର ମଧ୍ୟ ଡିଏନଏ ପରୀକ୍ଷା କରାଯାଇପାରିବ

ନୂଆଦିଲ୍ଲୀ,୧୦।୬(ଏଜେନ୍ସି):ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ଯେ, ପିତୃତ୍ୱ ବିବାଦରେ ଦୁଷ୍କର୍ମ ଅଭିଯୋଗ ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହେବା ପରେ ମଧ୍ୟ ତାଙ୍କର ଡିଏନଏ ପରୀକ୍ଷା କରାଯାଇପାରିବ । କୋର୍ଟ କହିଛନ୍ତି, ପିତୃତ୍ୱ ବିବାଦ ମାମଲାରେ, କୋର୍ଟ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇପାରିବେ । ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବା ପ୍ରମାଣିତ କରେ ନାହିଁ ଯେ ସମ୍ପୃକ୍ତ ବ୍ୟକ୍ତି ଜୈବିକ ପିତା ହୋଇପାରିବେ ନାହିଁ । ବିଚାରପତି ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଆବେଦନକୁ ଖାରଜ କରି କହିଛନ୍ତି ଯେ, ଏକ ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବାର ଅର୍ଥ ଏହା ନୁହେଁ ଏହି ଯେ ଅଭିଯୋଗଗୁଡ଼ିକ ଯୁକ୍ତିଯୁକ୍ତ ଭାବେ ପ୍ରମାଣିତ ହୋଇପାରିବ ନାହିଁ । ଏହା ସୂଚିତ କରୁ ନାହିଁ ଯେ, ଦୁଇ ବୟସ୍କଙ୍କ ମଧ୍ୟରେ କୌଣସି ଜୈବିକ ସମ୍ପର୍କ ନଥିଲା । ତେଣୁ, ପିତୃତ୍ୱର ପ୍ରଶ୍ନର ଉତ୍ତର ପାଇଁ ଯାଞ୍ଚ କରାଯାଇ ପାରିବ । ପୁଅର ପିତା କିଏ ତାହା ଜାଣିବାର ଅଧିକାର ଅଛି । କୋର୍ଟ କହିଛନ୍ତି ଯେ ଏହି ମାମଲାରେ, ଗୋଟିଏ ପଟେ, ଆବେଦନକାରୀଙ୍କର ଗୋପନୀୟତାର ଅଧିକାର ଅଛି, ଅନ୍ୟପଟେ, ଯୁବକଙ୍କର ତାଙ୍କ ଜୈବିକ ପିତାଙ୍କ ପରିଚୟ ଜାଣିବା ଏବଂ ଏହା ସହିତ ଜଡିତ ଆଇନଗତ ଅଧିକାର ଉପଭୋଗ କରିବାର ଅଧିକାର ଅଛି । ପିଲାଦିନରୁ, ଯୁବକ ଜଣକ ତାଙ୍କ ମାଆଙ୍କୁ କହୁଥିବା ଶୁଣିଥିଲେ ଯେ ଆବେଦନକାରୀ ତାଙ୍କ ପିତା, ତଥାପି ଏହି ଦାବିକୁ ବିଭିନ୍ନ ସ୍ତରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଯଦି ଏହି ପ୍ରଶ୍ନର ଉତ୍ତର ନମିଳିବ ତେବେ ସେ ପ୍ରକୃତରେ ଯେଉଁ ଅଧିକାର ପାଇବାକୁ ହକଦାର ସେଥିରୁ ବଞ୍ଚିତ ହୋଇପାରନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ଏହି ମାମଲାର ସମାଧାନ ପାଇଁ ଡିଏନଏ ପରୀକ୍ଷା ଜରୁରୀ, ତେଣୁ ଶୀର୍ଷକୋର୍ଟ ଆବେଦନକୁ ଖାରଜ କରି ଆବେଦନକାରୀଙ୍କୁ ଡିଏନଏ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପତ୍ତି, ଉତ୍ତରାଧିକାର ଏବଂ ପାରିବାରିକ ଅଧିକାର ସହିତ ଜଡିତ ମାମଲାରେ ଡିଏନଏ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ । ନିଷ୍ପତ୍ତି ନେବା ପୂର୍ବରୁ କୋର୍ଟଗୁଡ଼ିକୁ ଗୋପନୀୟତାର ଅଧିକାର ଏବଂ ବ୍ୟକ୍ତିଙ୍କର ପରିଚୟ ଜାଣିବାର ଅଧିକାର ମଧ୍ୟରେ ସନ୍ତୁଳନ ରଖିବାକୁ ପଡିବ । ଏହି ବିବାଦ ୧୯୯୯ ମସିହାର । ଜଣେ ବ୍ୟକ୍ତି ନିଜକୁ ଆବେଦନକାରୀଙ୍କ ଜୈବିକ ପୁତ୍ର ବୋଲି ଦାବି କରିଥିଲେ, ଯିଏ ସେପ୍ଟେମ୍ବର ୧୯୯୯ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାଆ ଦାବି କରିଥିଲେ ଯେ ସେ ଆବେଦନକାରୀଙ୍କ ସହ ସମ୍ପର୍କରୁ ଜନ୍ମଗ୍ରହଣ କରିଛନ୍ତି । ତଥାପି, ଆବେଦନକାରୀ ପ୍ରଥମେ ପିତୃତ୍ୱକୁ ଅସ୍ୱୀକାର କରିଥିଲେ । ତାଙ୍କ ପକ୍ଷରେ, ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ ମହିଳାଙ୍କ ଦ୍ୱାରା ଦାୟର କରାଯାଇଥିବା ଦୁଷ୍କର୍ମ ମାମଲାରେ ତାଙ୍କୁ ପୂର୍ବରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି । ସେ ଏହା ମଧ୍ୟ ଯୁକ୍ତି ଦେଇଥିଲେ ଯେ, ପୂର୍ବର ଅନ୍ୟ ମାମଲା ଏବଂ କୋର୍ଟ ପର୍ଯ୍ୟବେକ୍ଷଣ ଯୋଗୁଁ ପିତୃତ୍ୱର ପ୍ରସଙ୍ଗ ପୁନର୍ବାର ଉଠାଯାଇପାରିବ ନାହିଁ । ସାବାଳକ ହେବା ପରେ, ଯୁବକ ଜଣକ ସିଭିଲ୍ କୋର୍ଟରେ ଏକ ମାମଲା ଦାୟର କରିଥିଲେ ।

## ବିଜେପିକୁ ଶରଦ ପାୱାରଙ୍କ ଟାର୍ଗେଟ୍

ନୂଆଦିଲ୍ଲୀ,୧୦।୬(ଏଜେନ୍ସି):ଏନସିପି(ଏସପି) ମୁଖ୍ୟ ଶରଦ ପୱାର ମହାରାଷ୍ଟ୍ରର ବିଜେପି ମନ୍ତ୍ରୀ ଗିରିଶ ମହାଜନଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଅପରେସନ୍ ବ୍ଲୁ ଷ୍ଟାରକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଗିରିଶ ମହାଜନ କରିଥିବା ମନ୍ତବ୍ୟକୁ ଶରଦ ପୱାର ଭୁଲ ବୋଲି କହିଛନ୍ତି । ଏହା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସହ ତୁଳନା କରାଯାଉଥିବା ନେଇ ମଧ୍ୟ ସେ ଆପତ୍ତି ପ୍ରକାଶ କରିଛନ୍ତି । ଶରଦ ପୱାର କହିଛନ୍ତିଯେ, ନରେନ୍ଦ୍ରମୋଦି ନିଶ୍ଚିତ ଭାବେ ଦେଶର ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ହୋଇଥିବା ପ୍ରଧାନମନ୍ତ୍ରୀମାନଙ୍କ ମଧ୍ୟରୁଜଣେ, କିନ୍ତୁତାଙ୍କୁଜବାହରଲାଲ ନେହେରୁଙ୍କ ସହ ତୁଳନା କରିବା କୌଣସି ଭାବେ ଉଚିତ ନୁହେଁ । ତାଙ୍କ ମତରେ, ନେହେରୁଙ୍କ ଅବଦାନ ଓ ଐତିହାସିକ ଭୂମିକା ସହ ମୋଦିଙ୍କ ତୁଳନା କରିବା ଠିକ୍ ହେବ ନାହିଁ । ଏନସିପି (ଏସପି) ମୁଖ୍ୟ ଶରଦ ପୱାର ମୁମ୍ବାଇରେ ଦଳର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍ବୋଧନ ଦେଇ କହିଛନ୍ତି ଯେ, ଦେଶ ଗଠନ ଏବଂ ସ୍ୱାଧୀନତା ସଂଗ୍ରାମରେ ଜବାହରଲାଲ ନେହେରୁଙ୍କ ଅବଦାନକୁ କେବେ ଭୁଲିହେବ ନାହିଁ । ତାଙ୍କୁ ସମ୍ମାନ ଜଣାଇବା ପ୍ରତ୍ୟେକ ଭାରତୀୟଙ୍କ କର୍ତ୍ତବ୍ୟ ବୋଲିସେ କହିଛନ୍ତି । ଶରଦ ପୱାର କହିଛନ୍ତିଯେ, ଆଜିକାଲି ଏଭଳି ପରିବେଶ ସୃଷ୍ଟି କରାଯାଉଛି ଯେପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ଭଳି ଅନ୍ୟ କୌଣସି ନେତା ନାହାନ୍ତି । ସେ ସ୍ୱୀକାର କରିଛନ୍ତି ଯେ, ମୋଦି ଦେଶର ସବୁଠାରୁ ଦୀର୍ଘ ସମୟ ଧରି କାର୍ଯ୍ୟ କରୁଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ଯାହା ଏକ ଭଲ କଥା । ସେ କହିଛନ୍ତି ଯେ, ସଂସଦୀୟ ଗଣତନ୍ତ୍ରରେ ପ୍ରଧାନମନ୍ତ୍ରୀଙ୍କ ପଦ ଏକ ସାମ୍ବିଧାନିକ ପଦ ଏବଂ ଏହାକୁ ସମସ୍ତଙ୍କ ସମ୍ମାନ କରିବା ଉଚିତ । କିନ୍ତୁ ନେହେରୁଙ୍କ ସ୍ଥାନ ସ୍ୱତନ୍ତ୍ର ଏବଂ ତାଙ୍କ ସହ କାହାରି ତୁଳନା କରାଯାଇ ପାରିବ ନାହିଁ । ପୱାର ଆହୁରି କହିଛନ୍ତି ଯେ, ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ପାଇଁ ଲଢ଼େଇ କରିବା ସମୟରେ ଜବାହରଲାଲ ନେହେରୁ ଅନେକ ବର୍ଷ ଜେଲରେ କାଟିଥିଲେ । ଦେଶ ପାଇଁ ତାଙ୍କ ତ୍ୟାଗ ଏବଂ ଅବଦାନକୁ ଭାରତୀୟମାନେ କେବେ ଭୁଲିପାରିବେ ନାହିଁ ।ଶରଦ ପୱାର ମହାରାଷ୍ଟ୍ରର ମନ୍ତ୍ରୀ ଏବଂ ବିଜେପି ନେତା ଗିରିଶ ମହାଜନଙ୍କ ଉପରେ ମଧ୍ୟ କଡ଼ା ଆକ୍ରମଣ କରିଛନ୍ତି । ମହାଜନ ଇନ୍ଦିରା ଗାନ୍ଧୀ ଏବଂ ରାଜୀବ ଗାନ୍ଧୀଙ୍କ ବିରୋଧରେ ଶିଖ୍ ସମ୍ପ୍ରଦାୟ ଉପରେ ଅତ୍ୟାଚାର କରିଥିବା ଅଭିଯୋଗ ଆଣିଥିଲେ । ଏହି ବୟାନକୁ ଶରଦ ପୱାର ସମ୍ପୂର୍ଣ୍ଣ ଭାବେ ଅଗ୍ରହଣଯୋଗ୍ୟ ବୋଲି କହିଛନ୍ତିୟ ସେ କହିଛନ୍ତି ଯେ, ଅପରେସନ୍ ବ୍ଲୁ ଷ୍ଟାର ଇନ୍ଦିରା ଗାନ୍ଧୀଙ୍କ ଏକ ବଡ଼ ତ୍ୟାଗ ଥିଲା । ଦେଶର ସୁରକ୍ଷା ଏବଂ ସମ୍ମାନ ପ୍ରସଙ୍ଗରେ ସେ କେବେ ମଧ୍ୟ କୌଣସି ସମଝୌତା କରିନଥିଲେ ।



## ତିର୍ତ୍ତୋଲବାସୀଙ୍କ ପକ୍ଷରୁ ଶିଳ୍ପ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ

# ସାରଳା ସୂତାକଳ ସ୍ଥାନରେ ହେବ ନ୍ୟୁଏଜ ଇଣ୍ଡଷ୍ଟ୍ରି : ଶିଳ୍ପମନ୍ତ୍ରୀ

**ପାରାଦୀପ / ଜଗତସିଂହପୁର, ୧୦।୬ (ନି.ପ୍ର):** ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲରେ ଅଚଳ ହୋଇପଡ଼ିଥିବା ସାରଳା ବୁଣାକାର ସମବାୟ ସୂତାକଳ ଖୁବ୍ ?ଶୀଘ୍ର ପୁନର୍ବାର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଦୀର୍ଘ ୨୬ ବର୍ଷ ପରେ ପୁନର୍ବାର କାରଖାନା ଖୋଲିବା ନେଇ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଉ ପ୍ରତିଶୃତି ଦେଇଥିଲେ ତାର ବାଟ ଫିଟିଛି । ସରକାରୀ ସ୍ତରରେ ଏନେଇ ନିଷ୍ପତ୍ତି ନିଆଯାଇଛି । କାରଖାନା ଜମିକୁ ହସ୍ତତନ୍ତ ଏବଂ ବୟନ ଶିଳ୍ପ ବିଭାଗ ଠାରୁ ଇଡ୍ ?କୋ ନିଜ ଅଧୀନକୁ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି । ୨୬ ବର୍ଷ ପରେ ୨୩ କୋଟି ଦେଇ ସୂତାକଳ ଜମିକୁ ନିଜ ଅଧୀନକୁ ନେଲା ଇଡ଼କୋ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଶିଳ୍ପକୁ ପ୍ରାଧାନ୍ୟ ଦେବାସହ ବ୍ୟାପକ ନିଯୁକ୍ତି ସମ୍ଭାବନା ବାସ୍ତବ ରୂପ ନେଉଛି କ୍ଷ ଯାହାକୁ ନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସୂଚନା ଅନୁଯାୟୀ ୧୯୬୨ରେ ଏହି ସୂତାକଳ ତିର୍ତ୍ତୋଲରେ ପ୍ରତିଷ୍ଠା ହୋଇଥିଲା । ରାଜ୍ୟ ସମେତ ରାଜ୍ୟ ବାହାରକୁ କପଡ଼ା, ସୂତା ଏହି କାରଖାନାରୁ ଉତ୍ପାଦନ କରି ପଠାଯାଉଥିଲା । ମାତ୍ର ୧୯୯୯ ମହାବାତ୍ୟା ଯୋଗୁଁ ଏହି କାରାଖାନାର ଉତ୍ପାଦନ ବନ୍ଦ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରୁ ଏହା ସମ୍ଭବ ହୋଇଛି।

ବିଜେପି ସରକାର ଆସିବା ପରେ କାରଖାନା ପୁନରୁଦ୍ଧାର ନେଇ ଘୋଷଣା ହୋଇଛି। ପାରାଦ୍ୱୀପର ବିଧାୟକ ତଥା ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କାରାଖାନାର ପୁନରୁଦ୍ଧାର ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ବାରମ୍ବାର ସମୀକ୍ଷା କରି ଆସୁଥିଲେ। କାରଖାନାର ଜମିକୁ ହସ୍ତତନ୍ତ ଏବଂ ବୟନ ଶିଳ୍ପ ବିଭାଗଠାରୁ ଇଡକୋ ନିଜ ଅଧୀନକୁ ନେବା ପାଇଁ ନିଷ୍ପତ୍ତି ନେଇଥିଲା । ଏହି ଜମିକୁ ଇଡ଼କୋ ଲ୍ୟାଣ୍ଡବ୍ୟାଙ୍କରେ ରଖାଯିବ । ଖୁବ୍ ?ଶୀଘ୍ର କାରଖାନା ଥ ?ିବା ଜମି ଇଡ୍ ?କୋ ଅଧୀନକୁ ଆସିବ । ହସ୍ତାନ୍ତର ପ୍ରକ୍ରିୟା ଚାଲିଥିବାବେଳେ ସେହି ସ୍ଥାନରେ ପୁନର୍ବାର ଏକ କପଡ଼ା କାରଖାନା ପ୍ରତିଷ୍ଠା କରାଯିବ। ଏନେଇ ଶିଳ୍ପ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥା ସହ ଆଲୋଚନା କରାଯାଉଛି। ଜଗତସିଂହପୁର ଜିଲାର ଏହି ସୂତା କାରଖାନା ଥ ?ିବା ସ୍ଥାନରେ ପୁନର୍ବାର ଏକ ନୂଆ କପଡ଼ା କାରଖାନା ପ୍ରତିଷ୍ଠା କରିବାକୁ ଶିଳ୍ପ ବିଭାଗ ନିଷ୍ପତ୍ତି ନେଇଛି । ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ବନ୍ଦ ହୋଇ ରହିଥିବା ଏହି ସୂତାକଳ ସ୍ଥାନରେ ଏକ ଆଧୁନିକ, ଶ୍ରମିକ କୈନ୍ଦ୍ରିକ ବୟନ ଓ ପୋଷାକ ଶିଳ୍ପ କ୍ଲଷ୍ଟର ପ୍ରତିଷ୍ଠା କରିବା ନେଇ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି କ୍ଷ 'ଉତ୍କର୍ଷ ଓଡିଶା କନକ୍ଲେଭ୍ ୨୦୨୫' ସମୟରେ ମଧ୍ୟ ଏଠାରେ ପୁଞ୍ଜିନିବେଶ କରିବା ନେଇ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ଶିଳ୍ପ ସଂସ୍ଥା ଆଗ୍ରହ ପ୍ରକାଶ କରିଥିଲେ କ୍ଷ ଏଠାରେ ଯୁଗୋପଯୋଗୀ ଶିଳ୍ପ ପ୍ରତିଷ୍ଠା ହେଲେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବା ସହ ରାଜ୍ୟରେ ଶିଳ୍ପାୟନକୁ ଗତି ମିଳିପାରିବ ଏବଂ ଏହା ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ମଧ୍ୟ ସହାୟକ ହୋଇପାରିବ ଲ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଯୋଗୁଁ ଏହା ସମ୍ଭବ ହୋଇପାରିବା ସହିତ ଖୁବ୍ ?ଶୀଘ୍ର ସେଠାରେ କାରଖାନା ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକମାନେ ରୋଜଗାର ପାଇପାରିବେ ବୋଲି ମତବ୍ୟକ୍ତ କରିଛନ୍ତି। ସାରଳା ସମବାୟ ସୂତାକାଳର ପୁନଃ କାର୍ଯ୍ୟକ୍ଷମତା ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପ ପରେ ତିର୍ତ୍ତୋଲ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଭରି ଯାଇଛି ।ଏହି ପରିପ୍ରେକ୍ଷୀରେ ତିର୍ତ୍ତୋଲର ବିଜେପି ନେତା ରାଜକିଶୋର ବେହେରାଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଜନସାଧାରଣମାନେ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରି ଧନ୍ୟବାଦ ଜଣାଇଛନ୍ତି। ମନ୍ତ୍ରୀ



ଜନସାଧାରଣଙ୍କ ଭାବନାକୁ ସମ୍ମାନ ଜଣାଇ ସରକାର ଶିଳ୍ପ ବିକାଶ ଏବଂ ସ୍ଥାନୀୟ ଲୋକଙ୍କ ରୋଜଗାରକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା କହିଥିଲେ। ସାରଳା ସମବାୟ ସୂତାକଳର ପୁନଃ କାର୍ଯ୍ୟାରମ୍ଭ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ଏବଂ ଶୀଘ୍ର ଏହାର ସକାରାତ୍ମକ ଫଳାଫଳ ଦେଖିବାକୁ ମିଳିବ ବୋଲି କହିଛନ୍ତି। ସାରଳା ସମବାୟ ସୂତାକାଳ ଏକ ସମୟରେ ଜିଲ୍ଲାର ଅର୍ଥନୈତିକ ବିକାଶର ଅନ୍ୟତମ କେନ୍ଦ୍ରବିନ୍ଦୁ ଥିଲା। ଏଠାରେ ଶତାଧିକ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ବନ୍ଦ ହୋଇଯିବା ଫଳରେ ଅନେକ ପରିବାର ଜୀବିକା ହରାଇଥିଲେ। ବର୍ତ୍ତମାନ ଏହା ପୁନଃ କାର୍ଯ୍ୟକ୍ଷମ ହେବା ଖବର ସ୍ଥାନୀୟ ଲୋକଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି। ସୂତାକଳ ପୁନଃ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଚାଷୀ, ବୟନଶିଳ୍ପୀ ଓ ଯୁବକମାନେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବେ ଉପକୃତ ହେବେ। ଏହା ଦ୍ୱାରା ଜିଲ୍ଲାରେ ଶିଳ୍ପାୟନ ପ୍ରକ୍ରିୟା ଅଧିକ ଗତିଶୀଳ ହେବା ସହ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ସ୍ଥାନୀୟ ବାସିନ୍ଦା ଓ ଜନପ୍ରତିନିଧିମାନେ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ ଯଥାଶୀଘ୍ର ସୂତାକଳର ପୁନଃ କାର୍ଯ୍ୟାରମ୍ଭ ପ୍ରକ୍ରିୟା ପାଇଁ ଦାବି ଜଣାଇଛନ୍ତି। ବହୁ ବର୍ଷ ଧରି ବନ୍ଦ ଥିବା ଏହି ଶିଳ୍ପ ସଂସ୍ଥା ପୁନର୍ବାର ଚାଲୁ ହେଲେ ଜଗତସିଂହପୁର ଜିଲ୍ଲାର ଶିଳ୍ପ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବ। ସୂତାକାଳର ପୁନଃ କାର୍ଯ୍ୟକ୍ଷମ ହେବା ଦ୍ୱାରା ସିଧାସଳଖ ଭାବେ ଶତାଧିକ ଯୁବକ-ଯୁବତୀଙ୍କୁ ରୋଜଗାର ମିଳିବା ସହ ପରୋକ୍ଷ ଭାବରେ ପରିବହନ, ବ୍ୟବସାୟ, କ୍ଷୁଦ୍ର ଶିଳ୍ପ ଓ ସେବା କ୍ଷେତ୍ରରେ ମଧ୍ୟ କର୍ମସଂସ୍ଥାନ ବୃଦ୍ଧି ପାଇବ। ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଜିଲ୍ଲାର ଶିଳ୍ପାୟନ ପ୍ରକ୍ରିୟା ଅଧିକ ଗତିଶୀଳ ହେବ। ଓଡ଼ିଶାର ବୟନଶିଳ୍ପ ଓ ବସ୍ତ୍ର ଶିଳ୍ପର ବିକାଶ ପାଇଁ ସୂତା ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରିବା ଆବଶ୍ୟକ। ସାରଳା ସମବାୟ ସୂତାକାଳ ପୁନଃ ଚାଲୁ ହେବା ଦ୍ୱାରା ସ୍ଥାନୀୟ ସ୍ତରରେ ସୂତା ଉତ୍ପାଦନ ବୃଦ୍ଧି ପାଇବ ଏବଂ ବୟନଶିଳ୍ପୀମାନେ ମଧ୍ୟ ଉପକୃତ ହେବେ। ଏହା ରାଜ୍ୟର ବସ୍ତ୍ର ଉତ୍ପାଦନ କ୍ଷେତ୍ରକୁ ମଧ୍ୟ ଶକ୍ତିଶାଳୀ କରିବ। ଏହା ପୁନର୍ବାର କାର୍ଯ୍ୟକ୍ଷମ ହେଲେ କେବଳ ରୋଜଗାର ସୁଯୋଗ ବଢ଼ିବ ନାହିଁ, ବରଂ ଜିଲ୍ଲାର ଶିଳ୍ପ ପରିଚୟ ମଧ୍ୟ ପୁନଃ ପ୍ରତିଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଶତାଧିକ ଜନ ସାଧାରଣଙ୍କ ସମେତ ବୃଦ୍ଧିଜୀବି , ଯୁବ ବର୍ଗ, ମହିଳା, ସମସ୍ତ ମଣ୍ଡଳ ସଭାପତି, ଯୁବ ମୋର୍ଚ୍ଚା ସଭାପତି, ଦଳୀୟ ନେତୃବର୍ଗମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଦେବୀ ପ୍ରସାଦ ତ୍ରିପାଠୀ, ନେତ୍ରାନନ୍ଦ ପାତ୍ର, ସୁବୋଧ ବାରିକ, ସୁଧୀର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀଙ୍କ ଗତିବିଧି ଉପରେ ନଜର ରଖିଛି ଏଆଇ-ସକ୍ଷମ ମନିଟରିଂ ଟାୱାର



**ଅନୁଗୁଳ, ୧୦।୬ (ନି.ପ୍ର):** ଚାରୋଟି ରଣନୈତିକ ସ୍ଥାନରେ ସ୍ଥାପିତ ଏଆଇ-ସକ୍ଷମ ମନିଟରିଂ ଟାୱାରଗୁଡ଼ିକ ମଣିଷ-ହାତୀ ସଂଘର୍ଷ (HEC) ହ୍ରାସ କରିବାରେ ଏବଂ ରେଳ ଲାଇନ ନିକଟରେ ହାତୀ ଗତିବିଧି ଉପରେ ନଜର ରଖିବାରେ ସାହାଯ୍ୟ କରୁଛି। ଏହି ସିଷ୍ଟମ ସ୍ୱୟଂଚାଳିତ ଭାବରେ ହାତୀ, ଅନ୍ୟାନ୍ୟ ବନ୍ୟପ୍ରାଣୀ, ଟ୍ରେନ୍, ଯାନବାହାନ ଏବଂ ମଣିଷ ଉପସ୍ଥିତିକୁ ଚିହ୍ନଟ କରିଥାଏ, ହାତୀ-ଟ୍ରେନ୍ ଧକ୍କାକୁ ରୋକିବା ଏବଂ ପ୍ରାରମ୍ଭିକ ସଂଘର୍ଷ ପ୍ରଶମନକୁ ସହଜ କରିବା ପାଇଁ ପ୍ରକୃତ-ସମୟ ସତର୍କତା ସୃଷ୍ଟି କରିଥାଏ। ଡିଭିଜନ କାର୍ଯ୍ୟାଳୟରେ ଏକ ଉତ୍ସର୍ଗୀକୃତ ୨୪୭ ନିୟନ୍ତ୍ରଣ କକ୍ଷ ନିରନ୍ତର ତଦାରଖ ଏବଂ ଦ୍ରୁତ ପ୍ରତିକ୍ରିୟା ସୁନିଶ୍ଚିତ କରିଥାଏ। ୨୦୨୬ ମଧ୍ୟରେ, ସିଷ୍ଟମ ୪୨ ଟି ହାତୀ ଚିହ୍ନଟ ରେକର୍ଡ କରିଥିଲା, ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷେତ୍ର କର୍ମଚାରୀମାନଙ୍କୁ ସତର୍କତା ସହିତ ସୂଚନା ଦିଆଯାଇଥିଲା।

## ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ

**ବଳଙ୍ଗା, ୧୦।୬ (ନି.ପ୍ର):** ବଳଙ୍ଗା ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମରେ ନଡ଼ିଆ ଗଛରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ଗ୍ରାମର ବାପି ପରିଡ଼ା ବୋଲି ଜଣା ପଡିଛି। ସୂଚନା ମୁତାବକ ବାପି ଆଜି ପୂର୍ବାହ୍ନରେ ବାଡିପଟେ ଥିବା ନଡ଼ିଆ ଗଛରେ ଚଢୁଥିବା ବେଳେ ଅସାବଧାନ ବଶଃତ ଖସିପଡ଼ିବାରୁ ଘଟଣା ସ୍ଥଳରେ ତାର ପ୍ରାଣବାୟୁ ଉଡ଼ିଯାଇଥିଲା। । ଖବର ପାଇ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଁଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ମେଡ଼ିକାଲକୁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ପରିବାର ପକ୍ଷରୁ ଥାନରେ ଅଭିଯୋଗ କରାଯିବା ପରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ମାଲକାନଗିରି ଜିଲ୍ଲା ଯୋଜନା ବୋର୍ଡର ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ

**ମାଲକାନଗିରି, ୧୦/୬/ (ମନ୍ଥନ):** ମାଲକାନଗିରି ଜିଲ୍ଲା ଯୋଜନା ବୋର୍ଡ (ଡିପିସି) ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନରସିଂହ ମାଡ଼କାମୀଙ୍କ ଅଧ୍ୟକ୍ଷତାରେ ଆଜି ପ୍ରଥମ ଅଧିକୃତ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଶେଷ କରି ଜିଲ୍ଲାର ବିଚ୍ଛିନ୍ନାଞ୍ଚଳ ତଥା ସ୍ୱାଭିମାନ ଅଞ୍ଚଳର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସବିଶେଷ ସମୀକ୍ଷା କରାଯାଇଛି। ସେତୁ ଯୋଜନା ଅନ୍ତର୍ଗତ ପୂର୍ବବର୍ତ୍ତୀ ବର୍ଷର ଖର୍ଚ୍ଚ ଏବଂ ବିଭିନ୍ନ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରି ଅଧ୍ୟକ୍ଷ ଶ୍ରୀ ମାଡ଼କାମୀ ସ୍ୱାଭିମାନ ଅଞ୍ଚଳର ଯୁଦ୍ଧକାଳୀନ ବିକାଶ ପାଇଁ ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ବିକାଶ କାର୍ଯ୍ୟରେ କୌଣସି ପ୍ରକାରର ଶିଥିଳତାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ।ସମୀକ୍ଷା ସମୟରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସରକାରୀ ଅର୍ଥର ଅପବ୍ୟୟ ଓ ମନ୍ଥର ଗତିକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ୧୦୦ କୋଟି ଟଙ୍କା ଉପଲବ୍ଧ କରାଯାଇଥିବା ସତ୍ତ୍ୱେ ପୂର୍ବ ବର୍ଷରେ ସେଥିରୁ ମାତ୍ର ୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ଏହା



ସହିତ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କରିନପାରି ପ୍ରାୟ ୩୩ କୋଟି ଟଙ୍କା ସରକାରଙ୍କୁ ଫେରସ୍ତ କରିଥିବା ତଥ୍ୟ ସାମ୍ନାକୁ ଆସିଛି। ବିକାଶ ପାଇଁ ଆସିଥିବା ଅର୍ଥ ଉପଯୁକ୍ତ ଭାବେ ଖର୍ଚ୍ଚ ନହୋଇ ଫେରିଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହି ଅଧ୍ୟକ୍ଷ ଶ୍ରୀ ମାଡ଼କାମୀ ସମ୍ପୃକ୍ତ ବିଭାଗ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି ଏବଂ ଆଗାମୀ ଦିନରେ ଏହାର ପୁନରାବୃତ୍ତି ନକରିବାକୁ ତାଗିଦ୍ କରିଛନ୍ତି ।ସ୍ୱାଭିମାନ ଅଞ୍ଚଳର କାୟାକଳ୍ପ ବଦଳାଇବା ପାଇଁ ଅଧ୍ୟକ୍ଷ ଏକ ମେଗା ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ କହିଛନ୍ତି। ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ଟି ପଞ୍ଚାୟତ ଏବଂ କୋରୁକୋଣ୍ଡା ବ୍ଲକର ନାକାମାମୁଡ଼ି ଗ୍ରାମ ପଞ୍ଚାୟତର ସମ୍ପୂର୍ଣ୍ଣ ଏବଂ ସର୍ବାଙ୍ଗୀନ ବିକାଶ ପାଇଁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଉଦ୍ ?ବୋଧନ ଦେଇ କହିଛନ୍ତି, ୧୦୦ କୋଟିରୁ ଅଧିକ ଟଙ୍କାର ନୂଆ ପ୍ରକଳ୍ପ ପ୍ରସ୍ତୁତ କରି ଯୁଦ୍ଧକାଳୀନ ଗତିରେ କାମ ଆରମ୍ଭ କରନ୍ତୁ। ବିକାଶ କାର୍ଯ୍ୟ ପାଇଁ ଅର୍ଥର ଅଭାବ ରହିବ ନାହିଁ, ଯଦି ଆବଶ୍ୟକ ହୁଏ ସରକାରଙ୍କ ପାଖରୁ ଆହୁରି ଅଧିକ ଅର୍ଥ ଆଣିବା ତାଙ୍କର ବ୍ୟକ୍ତିଗତ ଦାୟୀତ୍ୱ ।ସ୍ୱାଭିମାନ ଅଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପୂର୍ବ ଅପେକ୍ଷା ଅଧିକ ସକ୍ରିୟ ହେବାକୁ ପଡ଼ିବ ବୋଲି ସେ ମତ ଦେଇଛନ୍ତି । ଏହି ରୋଡ଼ମ୍ୟାପ ଅନୁଯାୟୀ, ଜିଲ୍ଲାର ପ୍ରତିଟି ଦୁର୍ଗମ ଅଞ୍ଚଳକୁ ମୁଖ୍ୟ ସ୍ରୋତ ସହ ଯୋଡ଼ିବା ଲାଗି ରାସ୍ତା, ସେତୁ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ତୁରନ୍ତ ନୂତନ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାଭିମାନ ଅଞ୍ଚଳର ଚାଷୀମାନଙ୍କ ପାଇଁ ଜଳସେଚନ ଓ କୃଷିର ବିକାଶ ସହ ପ୍ରତିଟି ଗାଁକୁ ପକ୍କା ସଡ଼କ ଏବଂ ଶିକ୍ଷା ସ୍ୱାସ୍ଥ୍ୟ ସେବାର ସୁଧାର ଉପରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି ।ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଅନ୍ୟାନ୍ୟ ସମସ୍ତ ଲାଇନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ହାଇ-ପ୍ରୋଫାଇଲ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ ହିଁ ସ୍ୱାଭିମାନ ଅଞ୍ଚଳର ପ୍ରକୃତ ବିକାଶ ସମ୍ଭବ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ନୂତନ ଅଧ୍ୟକ୍ଷଙ୍କ ଏଭଳି କଡ଼ା ଆଭିମୁଖ୍ୟ ଏବଂ ଯୁଦ୍ଧକାଳୀନ ବିକାଶର ନିର୍ଦ୍ଦେଶ ପରେ ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ପ୍ରଗତିର ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ ବୋଲି ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଆଶା ଓ ଉତ୍ସାହ ସୃଷ୍ଟି ହୋଇଛି।

## ଜିଲ୍ଲାସ୍ତରୀୟ ଦେବର୍ଷି ନାରଦ ଜୟନ୍ତୀ ସମାରୋହ



**ପାରାଦୀପ, ୧୦/୬ (ନି.ପ୍ର):** ବିଶ୍ୱର ଆଦ୍ୟ ସାମ୍ବାଦିକ ମହର୍ଷି ନାରଦ ଙ୍କ ଜୟନ୍ତୀ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି । ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଯୋଗଦେଇ ସଂଘର ଆହ୍ୱାନ ପଞ୍ଚ ପରିବର୍ତ୍ତନ ବିଷୟରେ ପୁଙ୍ଖାନୁପୁଙ୍ଖନ ଆଲୋଚନା କରିଥିଲେ। ସଙ୍ଘ ସମାଜରେ ସଂଗଠନ ନୁହେଁ ବରଂ ସମାଜର ସଂଗଠନ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ ଓ ସୁଦର୍ଶନ ବିଶ୍ୱାଳଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶଶାଙ୍କ ଆଚାର୍ଯ୍ୟ ଙ୍କୁ ପାରାଦୀପ ନଗର ସାମ୍ବାଦିକ ସମ୍ପର୍କ ପ୍ରମୁଖ ଭାବେ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଚାର ପ୍ରମୁଖ ତାପସ କୁମାର ଦାଶ ସଂଚାଳନ କରିଥିବା ବେଳେ ଅଧିବକ୍ତା ପରିଷଦର ଜିଲ୍ଲା ସମ୍ପାଦକ ରବିନ୍ଦ୍ର କୁମାର ଜେନା ସହଯୋଗ କରିଥିଲେ।

## ନୂଆଗାଁ ମହୋତ୍ସବ ପଡିଆରେ ରାଜ୍ୟସ୍ତରୀୟ ରଜ ମହୋତ୍ସବ

**ଭୁବନେଶ୍ୱର, ୧୦/୬ (ନି.ପ୍ର):** ଓଡ଼ିଶାର ଗଣପର୍ବ ରଜ ଆମ ରାଜ୍ୟର କଳା, ସଂସ୍କୃତି ଓ ପ୍ରକୃତି ସହ ଗଭୀର ସମ୍ପର୍କରେ ଜଡିତ। ପ୍ରତିବର୍ଷ ପରି ଚଳିତବର୍ଷ ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ରଜ ମହୋତ୍ସବ ପାଳନକୁ ବେଶ୍ ଧୁମ୍‌ଧାମରେ ବ୍ୟାପକ ରୂପେ ଏକ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରାଯିବ । ନୂଆଗାଁ ମହୋତ୍ସବ ପଡିଆରେ ଜୁନ ୧୩ ତାରିଖରୁ ଚାରି ଦିନ ବ୍ୟାପୀ ଏହି ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରର କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପ, ହାସ୍ୟ ଅଭିନେତା ଓ ଅନ୍ୟାନ୍ୟ ପ୍ରତିଭାଧାରୀ ଯୋଗ ଦେଇ ସେମାନଙ୍କର କଳାନୈପୁଣ୍ୟ




ପ୍ରଦର୍ଶନ କରିବେ । ୧୩ରେ ମେହେନ୍ଦୀ, ଶଙ୍ଖ ହୁଳହୁଳି, କୁନି ପ୍ରତିଭା ପଦର୍ଶନ ସହ ସଂଗୀତ, ନାଚ ପ୍ରତିଯୋଗିତା କରାଯିବ ଶିଶୁ କଣ୍ଠଶିଳ୍ପୀ ଶାନ୍ତନୁ ଓ ପ୍ରେମ କୁମାର,ହାସ୍ୟ ଅଭିନେତା ଟୁକୁନା ଷ୍ଟାଇଲସ, ମାଲଖାମ୍ବ ଗ୍ରୁପ୍, ଗିତ୍ ମହ୍ଲାର ଗ୍ରୁପ ସଂଗୀତ ପରିବେଷଣ କରିବେ । ୧୪ରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସଂଗୀତ ପରିବେଷଣ ସହ ପପୁ ପମପମ୍ କମେଡି ତଡକା ସହ ଅନନ୍ୟା ଗ୍ରୁପ୍ ଦ୍ୱାରା ସଂଗୀତ ଧମାଲ ହେବ। ୧୫ରେ ସଂଗୀତ, ନାଚ ପ୍ରତିଯୋଗିତା ସହ ଦେବେଶ ପତୀ, ସଞ୍ଜୁ ମହାନ୍ତି, ଜେମସ୍ ଲଭଲିନ୍, ସାଇ ସଙ୍ଗମ୍ ସଂଗୀତ ପରିବେଷଣ ସହ ହାସ୍ୟ ଅଭିନେତା ନନସେନ୍ସ ମଣି ଯୋଗଦେବେ। ୧୬ରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ପାମେଲା ଜେନ୍ ଏବଂ ଗିତ୍ ସାଗର ସଂଗୀତରେ ଝୁମେଇବେ। ସେହିପରି କୁନିକୁନି ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ସାଙ୍ଗକୁ ନାରୀ ଶକ୍ତିର ନିଆରା ଝଲକ ଓ ରାମ୍ପ ଶୋ ଅଧିକ ଆକର୍ଷଣ କରିବ । ଓଡ଼ିଶାର କଳାସଂସ୍କୃତି ଅକ୍ଷୁର୍ଣ ରଖିବାକୁ ଅଧିକରୁ ଅଧିକ ଭାବେ ପରିବ୍ୟାପ୍ତ କରିବା ପାଇଁ ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ ପ୍ରତିବଦ୍ଧ ବୋଲି ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ ସମ୍ପାଦକ ଡ ଚିନ୍ମୟନନ୍ଦ ବଡ଼ଜେନା, ସଭାପତି ବସନ୍ତ କୁମାର ବରାଳ ସୂଚନା ଦେଇ କହିଛନ୍ତି।

## ସରକାରୀ ଉଦାସୀନତାର ମୂକସାକ୍ଷୀ : କୋଇଡାର ଐତିହାସିକ ଡାକବଙ୍ଗଳା ଏବେ 'ଭୂତକୋଠି'

**କୋଇଡା, ୧୦/୦୬ (ସୌମ୍ୟ ମହାନ୍ତି):** ସରକାରୀ ଉଦାସୀନତା ଓ ପ୍ରଶାସନିକ ଅବହେଳା ଯୋଗୁଁ କୋଇଡା ବ୍ଲକର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ବିଭାଗ ଡାକବଙ୍ଗଳା ଦୀର୍ଘ ବର୍ଷ ତଳେ ନିର୍ମିତ (ପ୍ଲଟ ନମ୍ବର ୨୩୪ ଓ ୨୩୫) ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ସଂପୂର୍ଣ୍ଣ ରୂପେ 'ଭୂତକୋଠି'ରେ ପରିଣତ ହୋଇଛି। ଏହି ଡାକ ବଙ୍ଗଳାର ଇତିହାସ ବେଶ ସମୃଦ୍ଧ ଯେଉଁ ସମୟରେ ତହସିଲ କାର୍ଯ୍ୟାଳୟ ବଣାଇଠାରେ ଥିଲା, ସେହି ସମୟରେ ପୂର୍ତ୍ତ ବିଭାଗ (PWD) ଦ୍ୱାରା ଏହା ନିର୍ମିତ ହୋଇଥିଲା ଏବେଂ ପରେ ୧୯୯୨ ମସିହା ରେ ଜାତୀୟ ରାଜପଥ(NH) ବିଭାଗ ଏହାର ସର୍ଭ ?କ୍ଷଣ ଦାୟିତ୍ୱ ନେଇଥିଲା। ଅତୀତରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଓଡ଼ିଶାର ଅନେକ ରାଜନେତା,ନାମୀଦାମୀ କଳାକାର ଓ ବିଶିଷ୍ଟ ବ୍ୟକ୍ତିବିଶେଷ କୋଇଡା ଗସ୍ତ ସମୟରେ ଏଠାରେ ରାତ୍ରିଯାପନ କରୁଥିଲେ। ଏପରିକି ଆଜିର କେନ୍ଦ୍ର ଆଦିବାସୀ କଲ୍ୟାଣ ଏବଂ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ଜୁଏଲ ଓରାମ ମଧ୍ୟ ବିଭିନ୍ନ ସମୟରେ ଏଠାରେ ସାମୟିକ ବିରତି ବା ରହଣି କରିଛନ୍ତି। କୋଇଡାବାସୀଙ୍କ ସମସ୍ତ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଏକତ୍ରିତ ହେବା ପାଇଁ ଏହା ଏକ ପ୍ରମୁଖ ଅତିଥି ଭବନ ପରି କାର୍ଯ୍ୟ କରୁଥିଲା, ଯାହାର ମୂକସାକ୍ଷୀ ସାଜିଛନ୍ତି ଏଠିକାର ସ୍ଥାନୀୟ ବାସିନ୍ଦା । କିନ୍ତୁ ପ୍ରଶାସନ ର ଅବହେଳା ପାଇଁ ବଙ୍ଗଳାର ଚତୁଃପାର୍ଶ୍ୱରେ ଥିବା ସୁରକ୍ଷା ପ୍ରାଚୀର ଭାଙ୍ଗି ସଂପୂର୍ଣ୍ଣ ନଷ୍ଟ ହୋଇଆସିଲାଣି । ପରିସ୍ଥିତି ଏଭଳି ହୋଇଛି ଯେ, ଦିନବେଳା ଏଠାରେ ବୁଲା କୁକୁର ଓ ଗୋରୁଗାଈ ଆଶ୍ରୟ



ନେଉଥିବା ବେଳେ ରାତି ହେଲେ ଏହା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି, ଯାହା ସ୍ଥାନୀୟ ଅଞ୍ଚଳର ସୁରକ୍ଷା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛିଖଣି ସମୃଦ୍ଧ କୋଇଡା ଅଞ୍ଚଳକୁ ବିଭିନ୍ନ ସମୟରେ ମନ୍ତ୍ରୀ, ସରକାରୀ ଅଧିକାରୀ ଆସିଥାନ୍ତି ମାତ୍ର ବଙ୍ଗଳାଟି ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିଥିବାରୁ ସେମାନଙ୍କ ରହଣି ପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଛି ! ସରକାରୀ ରେକର୍ଡରେ ସ୍ପଷ୍ଟ ଭାବେ ଥାଇ ମଧ୍ୟ ଏହି ଏକମାତ୍ର ସରକାରୀ ଡାକବଙ୍ଗଳାର ଏଭଳି ଦୂରାବସ୍ଥା ପ୍ରଶାସନର ଆନ୍ତରିକତା ଓ କାର୍ଯ୍ୟଦକ୍ଷତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ଛିଡ଼ା କରିଛି। ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ଏହି ସମସ୍ୟାକୁ ଗମ୍ଭୀରତାର ସହ ନେଇ ଏହି ପୁରୁଣା ବଙ୍ଗଳାଟିର ସଂସ୍କାର କରାଯାଇ ଏହି ସ୍ଥାନରେ ଏକ ସୁସଜ୍ଜିତ ନୂତନ ଡାକବଙ୍ଗଳା ନିର୍ମାଣ କରାଯାଏ, ତେବେ ଉଭୟ ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ବେଶ୍ ଉପକୃତ ହୋଇପାରିବେ। ଯାହା ସ୍ଥାନୀୟ ଜନସାଧାରଣଙ୍କ ମତ।

## ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଗ୍ରୀନଫିଲ୍ଡ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ସ୍ଥଳରେ ବିଶ୍ୱ ପରିବେଶ ଦିବସ ପାଳିତ

**ପାରାଦୀପ,୧୦।୬ (ନି.ପ୍ର):** ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦୀପ ତାଙ୍କର ଗ୍ରୀନଫିଲ୍ଡ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ସ୍ଥଳରେ ବିଶ୍ୱ ପରିବେଶ ଦିବସ ୨୦୨୬କୁ ଉତ୍ସାହର ସହ ଆୟୋଜନ କଲା। ଏହି କାର୍ଯ୍ୟକ୍ରମଟି ଏହିବର୍ଷର ଗ୍ଲୋବାଲ୍ ଥିମ୍ "ପ୍ରକୃତିରୁ ପ୍ରେରିତ, ଜଳବାୟୁ ପାଇଁ, ଭବିଷ୍ୟତ ପାଇଁ" ଅନୁସରଣ କରି ଆୟୋଜିତ ହୋଇଥିଲା ଏବଂ ଏଥିରେ ସିନିଅର ମ୍ୟାନେଜମେଣ୍ଟ,



କର୍ମଚାରୀ, ବ୍ୟବସାୟ ସହଯୋଗୀ ଓ ସ୍ଥାନୀୟ ହିତାଧିକାରୀମାନେ ସକ୍ରିୟ ଭାଗନେଇଥିଲେ। ଏହି ଅବସରରେ ପରିବେଶ, ଅରଣ୍ୟ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଗସତ୍ୱ-ତ୍ୱସକ୍ଟଭ ଖସରର (ଖସଲରତ୍ୱବ୍ଧଛକ୍ଷର ଲକ୍ଟତ୍ୱ ରଭଙ୍ଗସତ୍ୱକ୍ଟଭଙ୍ଗରଭତ୍ୱ) ପଦକ୍ଷେପ ଓ ଜାତୀୟ ଅଭିଯାନ "ଏକ ପେଡ୍ ମାଆ କେ ନାମ" ଅଧୀନରେ ବୃହତ ପରିମାଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ପ୍ରକଳ୍ପ ଅଞ୍ଚଳରେ ଗଛ ଲଗାଇ ପରିବେଶ ସୁରକ୍ଷା ଓ ସସ୍ଥାୟୀ ଉନ୍ନତି ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଅତିଥି ଭାବେ ପାରାଦୀପର ଆଞ୍ଚଳୀୟ କାର୍ଯ୍ୟାଳୟର ଇନଚାର୍ଜ ଶ୍ରୀମତୀ ବିବେଚିତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସେ ତାଙ୍କର ଅଭିଭାଷଣରେ ପ୍ରତ୍ୟେକ ନାଗରିକଙ୍କ ପରିବେଶ ସୁରକ୍ଷା ପ୍ରତି ସମୂହିକ ଦାୟିତ୍ୱ ଉଲ୍ଲେଖ କରିଥିଲେ ଏବଂ ଏକ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ଓ ସବୁଜ ଭବିଷ୍ୟତ ନିମନ୍ତେ ସସ୍ଥାୟୀ ଜୀବନଶୈଳୀ ଆପଣାଇବାର ଆବଶ୍ୟକତାକୁ ଉନ୍ମୋଚନ କରିଥିଲେ। ସେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଦ୍ୱାରା ପ୍ରକଳ୍ପ ଉନ୍ନତି ସମୟରେ ଗ୍ରହଣ କରାଯାଇଥିବା ପରିବେଶମୂଳକ ପଦକ୍ଷେପମାନଙ୍କୁ ପ୍ରଶଂସା କରିଥିଲେ ଓ କମ୍ପାନୀର ପରିବେଶ ସୁରକ୍ଷା ପ୍ରତି ସଙ୍କଳ୍ପବଦ୍ଧତା ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରକୁ ଅଧିକ ସ୍ମରଣୀୟ କରିବା ପାଇଁ ରଚନା ଲେଖନ, ପୋଷ୍ଟର ନିର୍ମାଣ ଓ ଗ୍ରୁପ୍ ଡିସକସନ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା, ଯାହା ପରିବେଶ ସଚେତନତାକୁ ବଢ଼ାଇବାରେ ସାହାଯ୍ୟ କରିଥିଲା। ପ୍ରଧାନ ଅତିଥି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ ଏବଂ ପରିବେଶ ସୁରକ୍ଷା ବାର୍ତ୍ତା ପ୍ରସାରଣରେ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ସବୁଜ ପଦକ୍ଷେପକୁ ଆହୁରି ସୁଦୃଢ଼ କରିବା ପାଇଁ କର୍ମଚାରୀମାନଙ୍କୁ ଇଣ୍ଡୋର ପ୍ଲାଣ୍ଟ ବଣ୍ଟନ କରାଯାଇଥିଲା, ଯାହା ଏକ ସବୁଜ ଓ ସ୍ୱାସ୍ଥ୍ୟକର କାର୍ଯ୍ୟସ୍ଥଳ ସୃଷ୍ଟିକୁ ଉତ୍ସାହିତ କରେ।

# ପ୍ରତିଶ୍ରୁତି ଦେଇ କଥା ରିଖିଲେନି ସରକାର : ସମନ୍ୱୟ ସମିତି

**କଟକ, ୧୦/୦୬ (ନି.ପ୍ର):** ସରକାର ସବୁ ବର୍ଗର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କ ସମସ୍ୟାକୁ ବିଚାରକୁ ନେବା ସଙ୍ଗେ ସଙ୍ଗେ ଏହାର ଏକ ସ୍ଥାୟୀ ସମାଧାନ ପାଇଁ ଗଠନ କରିଥିବା ଉଚ୍ଚସ୍ତରୀୟ କମିଟିର ୬ ମାସର ଅବଧି ପୂରଣ ହୋଇଛି । ଏ ନେଇ ମାନ୍ୟବର ମନ୍ତ୍ରୀ, ବିଧାୟକ ଓ ଅଧିକାରୀମାନେ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଉଚ୍ଚସ୍ତରୀୟ କମିଟି ଗଠନର ୬ ମାସ ବିତିଥିଲେ ମଧ୍ୟ ପ୍ରତିଶ୍ରୁତି ପୂରଣ ହୋଇନାହିଁ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ କହିଛନ୍ତି ।

ସୂଚନାଥାଉକି, ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବି ମଧ୍ୟରେ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ କର୍ମଚାରୀମାନଙ୍କୁ ବ୍ୟବସ୍ଥା ଅନୁସାରେ ପେନସନ୍ ଓ ଅବସରକାଳୀନ ସୁବିଧା, ଉଚ୍ଚ ନ୍ୟାୟାଳୟଙ୍କ ତା୧୨.୦୧.୨୦୨୪ ରିଖର ନିର୍ଦ୍ଦେଶନାମାକୁ ପାଳନ କରି ସମସ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ନ୍ୟାୟ ପ୍ରଦାନ କରିବା, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ କରିବା, ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନକ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ କରିବା, ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତ କରିବା ଆଦି ଦାବିକୁ ନେଇ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇଥିଲା । ଫଳରେ ସରକାର ଏକ ପାଞ୍ଚ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରି ୬ ମାସ ମଧ୍ୟରେ ଅନୁଦାନ, ପେନସନ୍, ଅବସର ବୟସ ସୀମା ୬୨ କୁ ବୃଦ୍ଧି ଆଦି ଦିଆଯାଇଥିବା ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ କମିଟିର ପ୍ରସ୍ତାବ ଆହ୍ୱାନ କରିଥିଲେ । ଏହି କମିଟି ଯେଉଁ ନିଷ୍ପତ୍ତି ନେବ ତାହାକୁ ମିଳିତ ସମନ୍ୱୟ ସମିତିର ନେତୃତ୍ୱମାନଙ୍କ ସହିତ ଶିକ୍ଷା ସଚିବ ଓ ଆନ୍ଦୋଳନ ବେଳେ ମଧ୍ୟସ୍ଥତା କରିଥିବା ଉଭୟ ମାନ୍ୟବର ବିଧାୟକ ଉପସ୍ଥିତ ରହି ଏହାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ସହମତି ପ୍ରକାଶ କଲେ ତାହା ସରକାରଙ୍କ ଦ୍ୱାରା ଗ୍ରହଣୀୟ ହେବ ବୋଲି ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା । ମାତ୍ର ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି । ସରକାର ଗଠନ କରିଥିବା କମିଟି ୬ ମାସ ମଧ୍ୟରେ ସଂପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସରକାର ତୁରନ୍ତ କମିଟିର ରିପୋର୍ଟକୁ ନେଇ ଏକ ବୈଠକ ଆହ୍ୱାନ କରି ସମସ୍ୟାକୁ ସମାଧାନ କରିବେ ବୋଲି ବିଧାନ ସଭାର ପବିତ୍ର ଗୃହରେ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ । କମିଟି ତାର ରିପୋର୍ଟ ପ୍ରଦାନ କରିଛି । କିନ୍ତୁ ତାହା କାର୍ଯ୍ୟକାରୀ ହୋଇ ନାହିଁ ବୋଲି ସମନ୍ୱୟ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି ।

ସରକାର ଆଉ କିଛିଦିନ ପରେ ତାଙ୍କର ଦୁଇବର୍ଷର ପୂର୍ତ୍ତି ପାଳନ କରିବାକୁ ଯାଉଥିବା ବେଳେ ଶିକ୍ଷକ ମାନଙ୍କ ପେଟରେ ଦାନା ଦେଇ ଓ ଅବସର ନେଇଥିବା ଶିକ୍ଷକଙ୍କୁ ପେନସନ୍ ପ୍ରଦାନ କରି ସମସ୍ୟା ସମାଧାନ କରନ୍ତୁ ନଚେତ୍ ଶିକ୍ଷକ ସମାଜ ନିଜର ହକ୍ ପାଇଁ ବାଧ୍ୟ ହୋଇ ସଂଗ୍ରାମର ମୈଦାନକୁ ଓହ୍ଲାଇବ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ.କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥି, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି ।

# କେନ୍ଦୁଝରରେ ପେଟ୍ରୋଲିୟମ ସାମଗ୍ରୀ ଯୋଗାଣ ଓ ଉପଲବ୍ଧତା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

କେନ୍ଦୁଝର:୧୦/୦୬: କେନ୍ଦୁଝର ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ, ବଣ୍ଟନ ଏବଂ କଳାବଜାରୀ ରୋକିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ 'ଜିଲ୍ଲା ସଙ୍କଟ ପରିଚାଳନା ଗୋଷ୍ଠୀ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।



ବୈଠକରେ ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ଭଳି ଜରୁରୀ ପେଟ୍ରୋଲିୟମ ସାମଗ୍ରୀର ସାମ୍ପ୍ରତିକ ସ୍ଥିତି ଓ ଉପଲବ୍ଧତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ବଜାରରେ ଏହି ସବୁ ସାମଗ୍ରୀର ଯେପରି କୌଣସି କୃତ୍ରିମ ଅଭାବ ସୃଷ୍ଟି ନହୁଏ ଏବଂ ଗ୍ରାହକମାନେ ଯେପରି ସହଜରେ ପେଟ୍ରୋଲିୟମ ସାମଗ୍ରୀ ପାଇପାରିବେ, ସେଥିପାଇଁ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ସଠିକ୍ ଉପଲବ୍ଧତା ନିଶ୍ଚିତ କରିବା ଏବଂ କଳାବଜାରୀ କିମ୍ବା ବେଆଇନ ମହଜୁଦ ରୋକିବା ପାଇଁ ପ୍ରଶାସନ ସର୍ବଦା ସତର୍କ ରହିଛି। ଯଦି କୌଣସି ଅଞ୍ଚଳରେ ଏହି ସାମଗ୍ରୀର ଅଭାବ ଦେଖାଦିଏ କିମ୍ବା କଳାବଜାରୀ ହେଉଥିବାର ସୂଚନା ମିଳେ, ତେବେ ତୁରନ୍ତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ କିମ୍ବା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବା ପାଇଁ ନିବେଦନ କରାଯାଇଛି। ବୈଠକରେ ବିଶେଷ ଭାବେ ହରିଚନ୍ଦନପୁର, ବାଂଶପାଳ ଏବଂ ତେଲକୋଇ ବ୍ଲକରେ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୋଲିସ ବିଭାଗ, ସିଭିଲ୍ ସପ୍ଲାଇ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ପ୍ରତିନିଧି ଏବଂ ତେଲ କମ୍ପାନୀ (ଆଇଓସିଏଲ, ବିପିସିଏଲ,ଏଚପିସିଏଲ)ର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନକୁ ସୁନିଶ୍ଚିତ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# 'ଗାଁ ଆମ୍ବ ପସରା-୨୦୨୬' ଉଦଘାଟିତ

ଅନୁଗୋଳ : ଓରମାସ୍ ଆନୁକୂଲ୍ୟରେ ସ୍ଥାନୀୟ ଅନୁଗୋଳ ହାଇସ୍କୁଲ ପଡ଼ିଆଠାରେ ସ୍ୱତନ୍ତ୍ର ଆମ୍ବ ପ୍ରଦର୍ଶନୀ "ଗାଁ ଆମ୍ବ ପସରା" ଆଜି ଉଦଘାଟିତ ହୋଇଯାଇଛି। ଏହି ଆମ୍ବ ପ୍ରଦର୍ଶନୀକୁ ମାନ୍ୟବର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉଦଘାଟନ ପରେ ସେ ପ୍ରଦର୍ଶନୀର ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ଆମ୍ବ ଚାଷୀମାନଙ୍କ ସହ ସେମାନଙ୍କ ସମସ୍ୟା ଓ ଚାଷର ଉନ୍ନତି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପ୍ରଦର୍ଶନୀ ଜୁନ୍ ୯ ତାରିଖରୁ ଆରମ୍ଭ ହୋଇ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାର ସମୃଦ୍ଧ ଆମ୍ବ ଚାଷର ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହ ଆମ୍ବ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ସିଧାସଳଖ ଗ୍ରାହକମାନଙ୍କ ନିକଟରେ ବିକ୍ରି କରିବା ପାଇଁ ଏକ ସ୍ୱତନ୍ତ୍ର ବଜାର ସୃଷ୍ଟି କରିବା ଏହି ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରଦର୍ଶନୀରେ ମୋଟ୍ ୬ଟି ଷ୍ଟଲ୍ କରାଯାଇଥିଲା। ମୁଖ୍ୟତଃ ଅନୁଗୋଳ, ଛେଣ୍ଡିପଦା ଏବଂ



କିଶୋରନଗର ବ୍ଲକରୁ ଚାଷୀ ନିଜର ଉତ୍ପାଦିତ ବିଭିନ୍ନ କିସମର ଆମ୍ବ ସହ ଏଥିରେ ଭାଗ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ , ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଓରମାସର ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିମନ ମଲଙ୍କ ସମେତ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା କଂଗ୍ରେସ କମିଟିର ସମ୍ବର୍ଦ୍ଧନା ସଭା ଓ କାର୍ଯ୍ୟକାରିଣୀ ବୈଠକ




ଅନୁଗୋଳ : ଆଜି ପୂର୍ବାହ୍ନରେ ଅନୁଗୋଳ କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସ କମିଟିର ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଗୁଳ ଜିଲ୍ଲାର ପ୍ରଭାରୀ ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ସାଗରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟିର ସମସ୍ତ କର୍ମକର୍ତ୍ତା, ସ୍ୱତନ୍ତ୍ର ସଦସ୍ୟ, ବ୍ଲକ ସଭାପତି, ନଗର ସଭାପତି, ସମସ୍ତ ଛାମୁଆ ସାମୁଖ୍ୟର ସଭାପତି, ଆମ ଜିଲ୍ଲାର ସମସ୍ତ ପିସିସିର କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ କ୍ଷ ତାସହିତ ଜିଲ୍ଲାର ପ୍ରଭାରୀ ଜିଲ୍ଲାର ପ୍ରଥମ କାର୍ଯ୍ୟକାରିଣୀ ବୈଠକରେ ସମସ୍ତ ନେତୃବୃନ୍ଦଙ୍କୁ ମିଳିତଭାବେ କଂଗ୍ରେସ ଦଳପାଇଁ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଜଣାଇଥିଲେ ଓ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନ ସମସ୍ତ ବ୍ଲକ ଓ ନଗର କଂଗ୍ରେସ କମିଟୀପାଇଁ ପୃଥକ ପୃଥକ ଭାବେ ଜିଲ୍ଲା କଂଗ୍ରେସ କମିଟିର କର୍ମକର୍ତ୍ତା ମାନଙ୍କୁ ପ୍ରଭାରୀ ଓ ସହପ୍ରଭରୀ ଦାଇତ୍ୱ ବଣ୍ଟନ କରିବା ସହିତ ପଞ୍ଚାୟତ ଓ ନଗର ପାଳିକାର ନିର୍ବାଚନରେ କିଭଳି କଂଗ୍ରେସ ଦଳ ଉତ୍ତମ ପ୍ରଦର୍ଶନ କରି ବ୍ଲକ ଓ ନଗର ପାଳିକା ଦଖଲ କରିବ ସେଥିପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଆହ୍ୱାନ ଜଣାଇଥିଲେ।

## ପାଣିରେ ବୁଡ଼ି ୨ ଜଣଙ୍କ ଜୀବନ ଗଲା

ନୀଳଗିରି, ୧୦।୬: ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ରାଧାକିଶୋରପୁର ପଞ୍ଚାୟତ ସୋନ ନଦୀ ରଣିତ ଘାଟରେ ଘଟିଛି ଅଘଟଣ। ବୁଧବାର ମଧ୍ୟାହ୍ନରେ ଦୁଇ ସାଙ୍ଗ ଜାମୁକୋଳି ଖାଇ ନଦୀଘାଟକୁ ଗାଧୋଇବାକୁ ଯାଇଥିଲେ। ଦୁଇ ନାବାଳକ ସାଙ୍ଗ ନଦୀରେ ଗାଧୋଇବା ସମୟରେ ଅସାବଧାନତା ଯୋଗୁ ଜଣେ ନଦୀଗଣ୍ଡରେ ବୁଡ଼ିଯିବା ଯୋଗୁ ଅନ୍ୟ ଜଣେ ଉଦ୍ଧାର କରିବାକୁ ଯାଇ ସେ ମଧ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ, ପୋଲିସ, ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୧ ଘଣ୍ଟାର ପ୍ରୟାସ ପରେ ଉଭୟ ଦୁଇ ସାଙ୍ଗଙ୍କୁ ଉଦ୍ଧାର କରି ରେମଣା ମେଡିକାଲକୁ ନେଇଥିଲେ। ତେବେ ଡାକ୍ତର ଉଭୟ ଦୁଇ ସାଙ୍ଗଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

# ପୂର୍ବତଟ ରେଳପଥ ଦ୍ୱାରା ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ

ଭୁବନେଶ୍ୱର, ୧୦।୬(ନି.ପ୍ର.):ପୂର୍ବତଟ ରେଳପଥ ନିଜ ସୀମା ମଧ୍ୟରେ ରେଳବାଇ ଲେଭଲ୍ କ୍ରସିଂ ଗୁଡ଼ିକରେ ନିରାପଦ ଆଚରଣକୁ ପ୍ରୋତ୍ସାହିତ କରିବା ଏବଂ ସଡ଼କ ବ୍ୟବହାରକାରୀଙ୍କ ଅସୁରକ୍ଷିତ ଅଭ୍ୟାସ ଯୋଗୁଁ ହେଉଥିବା ଦୁର୍ଘଟଣାକୁ ରୋକିବା ଉଦ୍ଦେଶ୍ୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହିତ ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ (ଓଖଉଇଓ) ୯ ଜୁନ୍ ୨୦୨୬ ତାରିଖରେ ପାଳନ କରିଛି। ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ଅଭିଯାନର ସ୍ଲୋଗାନ 'ଆଜି ସତର୍କ, କାଲି ସୁରକ୍ଷିତ', ସହିତ ଏହି ଦିବସ ପାଳନ କରାଯାଇଥିଲା, ଯେଉଁଥିରେ ରେଳ କ୍ରସିଂ ଗୁଡ଼ିକରେ ସତର୍କତା, ଧୈର୍ଯ୍ୟ ଏବଂ ଦାୟିତ୍ୱବାନ ଆଚରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଏହି ଦିବସ ପାଳନର ଏକ ଅଂଶ ସ୍ୱରୂପ, ସମଗ୍ର ଜୋନରେ ଥିବା ଲେଭଲ୍ କ୍ରସିଂ ଗେଟ୍, ରେଳ ଷ୍ଟେସନ, ଶିକ୍ଷାନୁଷ୍ଠାନ ଏବଂ ନିକଟବର୍ତ୍ତୀ ଜନବସତି ଗୁଡ଼ିକରେ ବ୍ୟାପକ ସୁରକ୍ଷା ସଚେତନତା ଅଭିଯାନ ଚଲାଯାଇଥିଲା। ରେଳବାଇ ଟ୍ରାକ୍ ଏବଂ ଲେଭଲ୍ କ୍ରସିଂ ପାର ହେବା ସମୟରେ ସୁରକ୍ଷିତ ଅଭ୍ୟାସ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ରେଳବାଇ ଅଧିକାରୀ, ସୁରକ୍ଷା ପରାମର୍ଶଦାତା, ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଗାଡ଼ିଚାଳକ, ପଦଯାତ୍ରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ।

ସାର୍ବଜନୀନ ଘୋଷଣା, ସୁରକ୍ଷା ପୁସ୍ତିକା (ପାମ୍ପଲେଟ୍) ବଣ୍ଟନ, ପୋଷ୍ଟର ପ୍ରଦର୍ଶନ, ପରାମର୍ଶ ଶିବିର, ସଚେତନତା ଶୋଭାଯାତ୍ରା ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ବ୍ୟବହାରକାରୀଙ୍କୁ ଚେତାବନୀ ସଙ୍କେତ ଏବଂ ଗେଟ୍ ବ୍ୟାରିୟର ମାନିବା, ରେଳ ଧାରଣା ପାର ହେବା ପୂର୍ବରୁ ଅଟକିବା, ବେଆଇନ ଭାବେ ଟ୍ରାକ୍ ପାର ନହେବା ଏବଂ ରେଳ କ୍ରସିଂ ନିକଟକୁ ଆସିବା ସମୟରେ ମୋବାଇଲ୍ ଫୋନ୍ କିମ୍ବା ଇୟରଫୋନ୍ ବ୍ୟବହାର ନକରିବା ପାଇଁ ଶିକ୍ଷା ଦିଆଯାଇଥିଲା। ଏହି ଅଭିଯାନରେ 'ଆପଣଙ୍କ ପ୍ରିୟଜନ ଆପଣଙ୍କ ଅପେକ୍ଷାରେ' ବାର୍ତ୍ତାକୁ ପ୍ରମୁଖ ଭାବରେ ପ୍ରସାରିତ କରାଯାଇଥିଲା, ଯାହା ସଡ଼କ ବ୍ୟବହାରକାରୀଙ୍କୁ ମନେ ପକାଇ ଦେଇଥିଲା ଯେ ରେଳ କ୍ରସିଂରେ କିଛି ମୁହୂର୍ତ୍ତର ଧୈର୍ଯ୍ୟ ଜୀବନ ରକ୍ଷା କରିପାରିବ ଏବଂ ସେମାନଙ୍କ ପ୍ରିୟଜନଙ୍କ ପାଖକୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ନିଶ୍ଚିତ କରିପାରିବ। ଏହି ପଦକ୍ଷେପ ମାଧ୍ୟମରେ ଏହା ଉପରେ ଆଲୋକପାତ କରାଯାଇଥିଲା ଯେ ଟ୍ରେନ୍ ହଠାତ୍ ଅଟକି ପାରିବ ନାହିଁ ଏବଂ ଦୁର୍ଘଟଣା ରୋକିବା ତଥା ଜୀବନ ରକ୍ଷା କରିବା ପାଇଁ ସୁରକ୍ଷା ନିୟମର କଠୋର ଅନୁପାଳନ ଅତ୍ୟନ୍ତ ଜରୁରୀ ଅଟେ। ଏହି ପାଳନ ଜନସଚେତନତା, ଗୋଷ୍ଠୀ



ସହଭାଗିତା ଏବଂ ନିରନ୍ତର ସୁରକ୍ଷା ପଦକ୍ଷେପ ମାଧ୍ୟମରେ ରେଳ ସୁରକ୍ଷାକୁ ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।ଏହା ସହିତ, ଲେଭେଲ୍ କ୍ରସିଂରେ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ ବୋଲି ସ୍ମରଣ କରାଇଥିଲା ଏବଂ ପ୍ରତ୍ୟେକ ଦାୟିତ୍ୱବାନ ପଦକ୍ଷେପ ସମସ୍ତଙ୍କ ପାଇଁ ଅଧିକ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବାରେ ସହାୟକ ହୋଇଥାଏ।ପୂର୍ବତଟ ରେଳପଥ ସମସ୍ତ ସଡ଼କ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ, ରେଳବାଇ ଲେଭଲ୍ କ୍ରସିଂରେ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଏବଂ ରେଳ ଚଳାଚଳକୁ ଅଧିକ ସୁରକ୍ଷିତ ଏବଂ ଦୁର୍ଘଟଣାମୁକ୍ତ କରିବା ପାଇଁ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ କରୁଛି।

## ହାତୀଙ୍କ ଗତିବିଧି ପାଇଁ
# ଏଆଇ ସକ୍ଷମ ମନିଟରିଂ ଟାୱାର

ଅନୁଗୋଳ, ୧୦।୬(ନି.ପ୍ର.): ଚାରୋଟି ରଣନୈତିକ ସ୍ଥାନରେ ସ୍ଥାପିତ ଏଆଇ-ସକ୍ଷମ ମନିଟରିଂ ଟାୱାରଗୁଡ଼ିକ ମଣିଷ-ହାତୀ ସଂଘର୍ଷ ହ୍ରାସ କରିବାରେ ଏବଂ ରେଳ ଲାଇନ ନିକଟରେ ହାତୀ ଗତିବିଧି ଉପରେ ନଜର ରଖିବାରେ ସାହାଯ୍ୟ କରୁଛି। ଏହି ସିଷ୍ଟମ ସ୍ୱୟଂଚାଳିତ ଭାବରେ ହାତୀ, ଅନ୍ୟାନ୍ୟ ବନ୍ୟପ୍ରାଣୀ, ଟ୍ରେନ୍, ଯାନବାହାନ ଏବଂ ମଣିଷ ଉପସ୍ଥିତିକୁ ଚିହ୍ନଟ କରିଥାଏ, ହାତୀ-ଟ୍ରେନ୍ ଧକ୍କାକୁ ରୋକିବା ଏବଂ ପ୍ରାରମ୍ଭିକ ସଂଘର୍ଷ ପ୍ରଶମନକୁ ସହଜ କରିବା ପାଇଁ ପ୍ରକୃତ-ସମୟ ସତର୍କତା ସୃଷ୍ଟି କରିଥାଏ। ଡିଭିଜନ କାର୍ଯ୍ୟାଳୟରେ ଏକ ଉତ୍ସର୍ଗୀକୃତ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ନିରନ୍ତର ତଦାରଖ ଏବଂ ଦ୍ରୁତ ପ୍ରତିକ୍ରିୟା ସୁନିଶ୍ଚିତ କରିଥାଏ। ୨୦୨୬ ମଧ୍ୟରେ, ସିଷ୍ଟମ ୪୨ ଟି ହାତୀ ଚିହ୍ନଟ ରେକର୍ଡ କରିଥିଲା, ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷେତ୍ର କର୍ମଚାରୀମାନଙ୍କୁ ସତର୍କତା ସହିତ ସୂଚନା ଦିଆଯାଇଥିଲା।

## ଦୁର୍ଘଟଣାରେ ମାଁ ଝିଅ ମୃତ୍ୟୁ ଘଟଣା
# ମୃତକଙ୍କ ପରିବାରଙ୍କୁ ଭେଟିଲେ ନରସିଂହ

ବଲାଙ୍ଗିର, ୧୦।୬ : ଗାନ୍ଧୀନଗରପଡା ମୁଖ୍ୟ ରାସ୍ତାରେ ଗତକାଲି ଘଟିଯାଇଥିବା ହୃଦୟ ବିଦାରକ ଦୁର୍ଘଟଣାରେ ମାଁ ଝିଅ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ମୁତାବକ ପୌର ପରିଷଦ ତରଫରୁ ପୋଖରୀ ପୁନରୁଦ୍ଧାର ପାଇଁ ମାଟି ଉଠା କାମ ଯୋଗୁଁ ସହର ଅନେକ ରାସ୍ତାରେ କାଦୁଅ ମାଟିପଡି ରାସ୍ତା ପିଚିପିଚି ହୋଇଯାଇଥିବାରୁ ସ୍କୁଟିରେ ଯାଉଥିବା ମାଁ ଝିଅ ଏକ ଟ୍ରକ ସହ ବାଡେଇ ହୋଇ ଏହି ଦୁର୍ଘଟଣା ଘଟିଯାଇଛି । ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ମୃତକଙ୍କ ଡୁଙ୍ଗୁରିପଡା ସ୍ଥିତ ବାସଭବନକୁ ଯାଇ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ତା ସହ ପରିବାର ବର୍ଗ ସହ ଆଲୋଚନା କରି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସୁନିତା ନାଗ ଓ ତାଙ୍କ ଝିଅ ସୁଷମା ନାଗ ଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ରାଶି ପାଇଁ ସେ ନିଜେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି । ତା ସହ ନିଜ ପ୍ରତିକ୍ରିୟାରେ ଶ୍ରୀ ମିଶ୍ର ଏହା ମଧ୍ୟ କହିଛନ୍ତି ଯେ ଏପରି ଦୁର୍ଘଟଣାରୁ ଅନେକ କିଛି ଶିକ୍ଷା ଗ୍ରହଣ କରିବାର ଅଛି । ପୌର ପରିଷଦର ବେପରୁଆ ମନୋଭାବ ଯୋଗୁଁ ଆଜି ଦୁଇ ଦୁଇଟି ବହୁ ମୁଲ୍ୟ ଜିବନ ଚାଲି ଯାଇଛି । ତେଣୁ ଏ ଘଟଣାରେ ପୌର



ପରିଷଦ ମୁଖ୍ୟତଃ ଦାୟୀ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏଥିରେ ବଲାଙ୍ଗିର ର ସମସ୍ତ ଜନସାଧାରଣ ମୃତକଙ୍କ ପରିବାର ସହ ଅଛନ୍ତି ବୋଲି ଶ୍ରୀ ମିଶ୍ର କହିବା ସହ ମୃତକଙ୍କ ସ୍ୱାମୀ ଓ ପୁଅ ଯେମିତି ସରକାର ଏବଂ ବୀମା କଂପାନୀ ଠାରୁ ଉଚିତ ଓ ପର୍ଯ୍ୟାପ୍ତ ପରିମାଣରେ ସହାୟତା ରାଶି ପାଇପାରିବେ ସେ ଦିଗରେ ସେ ଉଦ୍ୟମ କରିବେ ବୋଲି କହିଥିଲେ । ଆଜି ଶ୍ରୀ ମିଶ୍ରଙ୍କ ସହ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଆରତିପ୍ରୀତି ନାଗ, ଦିପକ ନାଗ, ଉପେନ ଦିପ, ଜୁଲୁ ପଟ୍ଟନାୟକ, ବଜରଂଗ ବନଛୋର,ବିଦୁ କୁମ୍ଭାର, ଜ୍ୟୋତି ରଂଜନ ନାଗ, ଙ୍କ ସମେତ ଅନେକପଡାବାସୀ ଉପସ୍ଥିତ ଥିଲେ ।

# ସୌରଶକ୍ତି ଆପଣାଇବାକୁ ରାଜ୍ୟପାଳଙ୍କ ଆହ୍ୱାନ: ପେଟ୍ରୋଲ, ଡିଜେଲ୍ ଗାଡିକୁ ଇଭି କର

ଭୁବନେଶ୍ୱର: ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶ ପାଇଁ ବଡ ସଙ୍କଟ ସୃଷ୍ଟି କରିଛି। ଏହି ସଙ୍କଟରୁ ଉଦ୍ଧାର ପାଇବା ଓ ଇନ୍ଧନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ସୌର ଶକ୍ତି ବ୍ୟବହାର କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି। ବୁଧବାର ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ଓଡିଶା ଶାଖା ଏବଂ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ମିଳିତ ସହଯୋଗରେ ଆୟୋଜିତ ''ଫୁଡ୍, ଆଗ୍ରୋ ଆଣ୍ଡ୍ ବାୟୋଟେକ୍ ସମ୍ମିଳନୀ ୨୦୨୬'କୁ ସମ୍ବୋଧିତ କରି ସେ କହିଥିଲେ ଯେ ରୁଫ୍‌ଟପ୍ ସୋଲାର ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବ୍‌ସିଡି ଦେଉଛନ୍ତି। ବ୍ୟାଙ୍କଗୁଡିକ ଫାଇନାନ୍ସ ମଧ୍ୟ ପ୍ରଦାନ କରୁଛନ୍ତି। ଯେକେହି ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ କରିପାରିବେ। ସୌର ଶକ୍ତି ଦ୍ୱାରା ଲୋକମାନେ ନିଜ ପରିବହନ ଖର୍ଚ୍ଚକୁ ସମ୍ପୂର୍ଣ୍ଣ କମ୍ କରିପାରିବେ ବୋଲି ସେ କହିଛନ୍ତି।ଏଥି ସହିତ ନିଜ ପେଟ୍ରୋଲ ଓ ଡିଜେଲ୍ ଗାଡିଗୁଡିକୁ ଇଲେକ୍ଟ୍ରିକ ଯାନ (ଇଭି)ରେ ପରିବର୍ତ୍ତନ କରିବାକୁ ମଧ୍ୟ ସେ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ। ସେ କହିଲେ, ପ୍ରତି ସଙ୍କଟକୁ ଭାରତ ସୁଯୋଗରେ ପରିଣତ କରିଛି। କୋଭିଡ୍ ମହାମାରୀ ଭାରତକୁ ଡିଜିଟାଲ ଇଣ୍ଡିଆରେ ପରିଣତ କରିଥିଲା। ସେହିପରି ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶ ପାଇଁ ସଙ୍କଟ ନୁହେଁ ସୁଯୋଗ ଆଣିଛି। କେନ୍ଦ୍ର ସରକାର ତେଲ ଆମଦାନି ନିର୍ଭରଶୀଳତା କମ୍ କରିବା ପାଇଁ ଇଥାନଲ ଇନ୍ଧନକୁ ବ୍ୟାପକ କରିବା ଉପରେ କାମ କରୁଛନ୍ତି। ଇ୮୫, ଇ୧୦୦ ତେଲ ଆଣିବା ଯୋଜନା ରହିଛି। ସେହି ତେଲ ଦ୍ୱାରା ଚାଷୀମାନେ ସର୍ବାଧିକ ଉପକୃତ ହେବେ ବୋଲି ସେ କହିଛନ୍ତି। ଇଥାନଲ୍ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ ଚାଷୀମାନେ ହିଁ ଯୋଗାଇବେ ବୋଲି ରାଜ୍ୟପାଳ କହିଥିଲେ।

# ତେଜିଲା ମଦ ବିରୋଧି ଆନ୍ଦୋଳନ

ଯାଜପୁର : ଯାଜପୁର ସହର ସଂଲଗ୍ନ ପଣସା ପଞ୍ଚାୟତର ଆଙ୍କୁଲା ଠାରେ ମଦ ଦେକାନ ଖୋଲିବାକୁ ବିରୋଧ କରି ଆଜି ପଣସା ଗ୍ରାମ ପଞ୍ଚାୟତର ଶତାଧିକ ମହିଳା ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ କରିଛନ୍ତି. ଏଠାରେ ସୂଚନା ଥାଉ କି ୨୦୨୬-୨୭ ଆର୍ଥିକ ବର୍ଷରେ ସରକାରଙ୍କର ଘୋଷଣା ମୁତାବକ ଜିଲ୍ଲା ପ୍ରଶାସନ ମଦ ଲଟେରୀ ଉଠାଣ କରିଥିଲେ। ଉକ୍ତ ଉଠାଣ ଜରୀଆରେ ଆଙ୍କୁଲା ଗ୍ରାମ ର ଜଣେ ମହିଳାଙ୍କ ନାମରେ ମଦ ଲଟେରୀ ମାଧ୍ୟମରେ ବିଜେତା ହୋଇ ସେହି ଆଙ୍କୁଲା ମୌଜାରେ ଦୋକାନ ଖୋଲିବାକୁ ଯାଉଛନ୍ତି. ଏହି ଖବର ଜଣାଯିବା ପରେ ଉକ୍ତ ପଂଚାୟତର ମଦ ବିରୋଧି ମହିଳାମାନେ ଆଜି ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ କାମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।



ଆନ୍ଦୋଳନକାରୀ ଙ୍କ ଅଭିଯୋଗ ଅନୁଯାୟୀ ପୂର୍ବ ସରକାର ସମୟରେ ମଦ ଦୋକାନ ଖୋଲିବାକୁ ସରକାରଙ୍କ ଅନୁମତି ପାଇଥିବା ଭେଣ୍ଡରଙ୍କୁ ଦୀର୍ଘ ୫ ବର୍ଷ ପର୍ଯ୍ୟନ୍ତ ଆଙ୍କୁଲା ଓ ଏହାର ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ମଦଦେକାନ ଖୋଲାଇ ଦେଇ ନଥିଲୁ। କାରଣ ଆଙ୍ଗୁଲା ଗ୍ରାମଟି ଯାହୁର ଅଞ୍ଚଳର ଏକ ଚର୍ଚ୍ଚିତ ସ୍ଥାନ। ଏହି ଅଞ୍ଚଳ ରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ସର୍ବପୁରାତନ ହୋମିଓ ପାଥିକ ଚିକିତ୍ସାଳୟ ବିରଜା ଆଇନ କଲୋଜ ଆହୁରି ଅନୋକ ଶିକ୍ଷଣୀୟ ସ୍ଥାନ ରହିଛି ପ୍ରତ୍ୟେକ ଦିନ ଛାତ୍ର ଛାତ୍ରୀମାନେ ପଢିବାକୁ ଆସୁଛନ୍ତି ଆହୁରି ମଧ୍ୟ ଆଙ୍କୁଲା ମୌଜାରେ ଜିଲ୍ଲାପାଳ ଉପଜିଲ୍ଲାପାଳ ଏ.ଡି.ଏମ ସମୋତ ସମସ୍ତ ପ୍ରଶାସନ ଅଧିକାରୀ ମାନଙ୍କର ବାସଭବନ ରହିଅଛି । ଅନ୍ୟ ପକ୍ଷରେ ଯାଜପୁର ସହରରେ ଅଧିକାଂଶ ବ୍ରାଉନ ସୁଗାର ଏହି ଆଙ୍କୁଲା ଅଞ୍ଚଳରେ ଜବତ କରାଯାଇଛି. ଯାହା ଫଳରେ ଉକ୍ତ ଅଞ୍ଚଳରେ ଛାତ୍ର ଓ ଯୁବକମାନେ ବର୍ତ୍ତମାନ ବ୍ରାଉନସୁଗାର ର ଶିକାର ହେଉଛନ୍ତି. ଏଭଳି ଦୁଃଖଦ ସମୟରେ ପୁର୍ଣ୍ଣବାର ଗୋଟିଏ ମଦ ଦେଖାନ ଖୋଲିବା ଆଦୌ ସମିଚିନ ନୁହେଁ ତେଣୁ ଏହି ମଦ ଦୋକାନକୁ ତୁରନ୍ତ ବନ୍ଦ କରାଯାଉ ନଚେତ ଆନ୍ଦୋଳନ ଆଗାମୀ ଦିନରେ ଆହୁରି ବ୍ୟାପକ ହେବା ସହ ଆମ୍ଭ ? ସମସ୍ତ ମହିଳାମାନେ ଗ୍ରାମର ପ୍ରତ୍ୟେକ ଘରେ ଘରେ ମଦ ବିକ୍ରି କରିବୁ ବୋଲି କହିଛନ୍ତି । ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଇନ ମନ୍ତ୍ରୀ ମୁଖ୍ୟ ଶାସନ ସଚିବ ଅବକାରୀ କମିଶନର ଜିଲ୍ଲା ଅବକାରୀ ଅଧିକ୍ଷକଙ୍କୁ ପ୍ରୋରଣ କରିଛନ୍ତି ଏହି କାର୍ଯ୍ୟକ୍ରମରେ ୨୦୦ ରୁ ଅଧିକ ମହିଳା ସାମିଲ ହୋଇଥିଲେ ।

# ବିଦ୍ୟୁତ ବିଭାଗର ମନମାନିକୁ ବିରୋଧ କରି ଦଶପଲ୍ଲା ଉପଭୋକ୍ତା ତାତିଲେ

## ସମସ୍ୟା ରେ ସୁଧାର ନଆସିଲେ ୩୦ ରେ ବନ୍ଦ ଡାକରା

ନୟାଗଡ଼/,ଦଶପଲ୍ଲା ୧୦।୬ (ମନ୍ଥନ ): ଟାଟା ପାୱାର ର ଦଶପଲ୍ଲା ରେ ମନଇଚ୍ଛା ବିଦୁତ କାଟ, ଲୋ ଭୋଲ୍‌ଟେଜ ର ଦୂରୀ କରଣ, ସଂଗଠିତ ଭାବେ ପ୍ରତିବାଦ କରୁଥିବା ଉପଭୋକ୍ତା ଙ୍କ ନାମ ରେ ଟିପିସି ଓ ଡି ଏଲ ର ମିଥ୍ୟା ମୋକଦ୍ଦମାକୁ ପ୍ରତ୍ୟାହାର କରିବା, ସ୍ମାର୍ଟ ମିଟର ଲଗାଇବା ବାହାନା ରେ ଗ୍ରହକ ମାନଙ୍କୁ ଜୁଲୁମ ବନ୍ଦ କରିବା ଏବଂ ଟାକରା ର ଝଂକିବାରି ଠାରେ ୪ ବର୍ଷ ହେଲା ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଗ୍ରୀଡ କୁ ଚାଲୁ ନ କରିବା ପ୍ରତିବାଦ ରେ ବୁଧବାର ଦିନ ସାହସ୍ରାଧିକ ଜନ ସାଧାରଣ ଏକ ବିଶାଳ ଶୋଭାଯାତ୍ରା ରେ ପ୍ରଭୁ ମହାବୀର ଙ୍କ ପୀଠ ରୁ ଆସି ସହର ପରିକ୍ରମା ପରେ ସ୍ଥାନୀୟ ତହସିଲଦାର ଙ୍କ ମାଧ୍ୟମ ରେ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟ ରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି. ଆସନ୍ତା ୨୫ ତାରିଖ ଭିତରେ ଯଦି ୫ ଗୋଟି ମୌଳିକ ଦାବି ସରକାର ସମାଧାନ ଦିଗ ରେ ଟାଳଟୁଳ ନୀତି ଅବଲମ୍ବନ କାରନ୍ତି ତେବେ ଜୁନ ୩୦ ତାରିଖ ଦିନ ଦଶପଲ୍ଲା ବନ୍ଦ କରିବାକୁ ଚେତବନୀ ଦେଇଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଦଶପଲ୍ଲା ବିଦ୍ୟୁତ ଉପୋଭୋକ୍ତା ସଂଘ ର ଆହ୍ୱାନ କ୍ରମେ ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର ଙ୍କ ନେତୃତ୍ୱ ରେ ବିଭିନ୍ନ ଗଣ ସଂଗଠନ, ଦଶପଲ୍ଲା ଏ ନ ଏ ସି ର ଅଧ୍ୟକ୍ଷା ଇଂ ପୁନମ ପ୍ରିୟ ଦର୍ଶିନୀ,ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ କୁମାର ପଟନାୟକ, ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର,ମହାବୀର ବଣିକ ମହାସଂଘ ସଭାପତିଅଲେଖ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଦଶପଲ୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ବରୁଣ କୁମାର ପାତ୍ର, ଘରୋଇ ବସ ମାଲିକ ସଂଘ ସଭାପତି ସୂର୍ଯ୍ୟମଣୀ ଦାଶ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅଧିବକ୍ତା ସୁଶାନ୍ତ କୁମାର ପାତ୍ର, ଅଧିବକ୍ତା



ଦିଲ୍ଲୀପ କୁମାର ପଣ୍ଡା, ରୋଟାରୀ କ୍ଲବ ସଭାପତି ବିଜୟ କୁମାର ଅଗ୍ରୱାଲ, ସମ୍ପାଦକ ସନ୍ତୋଷ କୁମାର ସାହୁ, ସ୍ୱଭିଟ ସର୍ଟ ସୋସାଇଟି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର, ପ୍ରେସ କ୍ଲବ ସଭାପତି ସୁରେଶ ଚନ୍ଦ୍ର ବେହେରା ଙ୍କ ସମେତ ୨୦ ଗୋଟି ଯୁବକ ସଂଘ ଓ କ୍ଲବ ର ପ୍ରତିନିଧି ସାମିଲ ହୋଇଥିଲେ। ପଦଯାତ୍ରା ରେ ହାତରେ ଝିଅଣା ଓ ଲଣ୍ଠନ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ. ଦାବିପତ୍ର ଦେବା ସମୟ ରେ ତହସିଲ ର କୌଣସି ଅଧିକାରୀ ନଥିବା ହେତୁ ଆନ୍ଦୋଳନ କାରି ଙ୍କ ମଧ୍ୟ ରେ ତୀବ୍ର ଉତ୍ତ ?ଜନା ପ୍ରକାଶ ପାଇଥିଲା ଏବଂ ଏହାର ପ୍ରତିବାଦ ରେ ତହସିଲ ଫାଟକ ସମ୍ମୁଖରେ କିଛି ସମୟ ଜିଦ୍‌ଧରି ବସି ରହିବା ପରେ ଓ ହନୁମାନ ଚାଳିଶା ପାଠ ପରେ ଶେଷ ରେ ବାଧ୍ୟ ହୋଇ ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷ ରୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ କ୍ଷମତା ପ୍ରାପ୍ତ ଅଧିକାରୀ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଙ୍କୁ ପଠାଇବା ପରେ ସେ ଦାବି ପତ୍ର କୁ ଗ୍ରହଣ କରିଥିଲେ. ଆଇନୀ ଶୃଙ୍ଖଳା ବଜାୟ ରଖିବା ପାଇଁ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ଓ ପୁଲିସ ଫୋର୍ସ ଉପସ୍ଥିତ ଥିଲେ. ବିକ୍ଷୋଭ ସ୍ଥଳ ରେ ଉପଭୋକ୍ତା ସଂଘ କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ମହାଖୁଡ଼, ଦିବ୍ୟାଙ୍ଗ ଲକ୍ଷ୍ମୀଧର ବେହେରା, ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ଜୀବନ ପଟନାୟକ ଙ୍କ ସମେତ ବହୁ ନେତୃତ୍ୱ ନ୍ୟାର୍ଯ୍ୟ ଦାବି କୁ ସମର୍ଥନ କରି ଅଭିଭାଷଣ ରଖିଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ